READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବ୍ରହ୍ମପୁର ଗୋଳାବନ୍ଧ ଆର୍ମି ଏଡି କଲେଜର ଦୀକ୍ଷାନ୍ତ ସମାରୋହରେ ଯୋଗଦେବାକୁ ଆସିଥିବା ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ


ବର୍ଷ-୩ | ସଂଖ୍ୟା-୩୭ | ୩୦ ସେପ୍ଟେମ୍ବର - ୦୬ ଅକ୍ଟୋବର, ୨୦୧୯ | ଭୁବନେଶ୍ୱର | Monday Weekly | VOL-3 | ISSUE-37 | 30th SEPTEMBER- 06th OCTOBER, 2019 | BHUBANESWAR | ₹ 5/- (8 Pages)


**ବିଜେପୁର ସଜବାଜ**

# ହିସାବ ମାଗିବେ ଭୋଟର

**ଭୁବନେଶ୍ୱର, (ତାରକ ମହାନ୍ତି):** ରାଜ୍ୟରେ ବିଜେପୁର ବିଧାନସଭା ଆସନଟି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ପାଲଟି ଯାଇଛି। ଏଇଥିପାଇଁ ଯେ, ପୂର୍ବତନ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ପତ୍ନୀ ରୀତା ସାହୁ ବିଜୁ ଜନତା ଦଳରେ ଯୋଗ ଦେବା ପରେ ଏହି ଆସନଟିର ମର୍ଯ୍ୟାଦା ଏତେ ବଢ଼ିଯାଇଛି ଯେ, ଏଠାରେ ସାଧାରଣ ନିର୍ବାଚନ ହେଉ କି ଉପନିର୍ବାଚନ ହେଉ ନେତା ମାନଙ୍କ ଛାତି ଥରୁଛି। ତେବେ ଏହାର କାରଣ କ'ଣ ବୋଲି ଆଲୋଚନା କଲେ ଜଣାପଡେ ଯେ, ପୂର୍ବରୁ ବିଜେପୁର କଂଗ୍ରେସର ଗଡ ଥିଲା। ଯେପର୍ଯ୍ୟନ୍ତ ସୁବଳ ସାହୁ ବଞ୍ଚିଥିଲେ ଏଠାରେ ଶାସକ ବିଜେଡି ଦଳର ପ୍ରଭାବ ଆଦୌ ଦେଖିବାକୁ ମିଳୁନଥିଲା। ତେଣୁ ଶାସକ ଦଳ ପାଇଁ ଏହି ଆସନଟି ଏକ ଆହ୍ୱାନ ସଦୃଶ ରହିଥିଲା। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଉପନିର୍ବାଚନ ବେଳେ ଏହି ଆସନଟିକୁ କଳେବଳେ ହାତେଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ସଫଳ ହେଲେ। ଏଥିରେ ରୀତାଙ୍କ ଭାବମୂର୍ତ୍ତି, ଲୋକପ୍ରିୟତା ଅପେକ୍ଷା ବିଜେଡି ତଥା ନବୀନ ବାବୁଙ୍କ ଭାବମୂର୍ତ୍ତି ଗୁରୁତ୍ୱପୂର୍ଣ୍ଣ ଦର୍ଶାଯାଇଥିଲା। ସେତେବେଳେ ଭାରତୀୟ ଜନତା ପାର୍ଟି ମଧ୍ୟ ଏହି ଆସନଟିକୁ ହାତେଇବା ପାଇଁ ଉଦ୍ୟମ କରିଥିଲେ ବି ବିଜେଡି ତୁଳନାରେ ବିଜେପିର ରଣକୌଶଳ ଫିକା ପଡିଲା।





ଯେଉଁଥିପାଇଁ ବିଜେଡି ଏଠାରେ ବହୁମତ ପାଇବା ସହିତ ବିଜେପୁର ବିଧାନସଭା ଆସନଟିକୁ ନିଜ ଅକ୍ତିଆରକୁ ନେଇ ଆସିଲା। କଂଗ୍ରେସର ଦୁର୍ଗ ବିଜେପୁରରେ କଂଗ୍ରେସ ଦଳ ସବୁଠୁ ପଛରେ ରହି ଏକ ଲଜ୍ଜାଜନକ ପରାଜୟ ବରଣ କରିବାକୁ ବାଧ୍ୟ ହେଲା। ନବୀନଙ୍କ ପତିଆରା ଆଗରେ ରାଜ୍ୟ କଂଗ୍ରେସର ମୁଖିଆମାନେ ତଳମୁହାଁ ହୋଇ ବିଜେଡିକୁ କଂଗ୍ରେସ ଭୋଟ ଟେକିଦେଲେ ବୋଲି ଚର୍ଚ୍ଚା ମଧ୍ୟ ଜୋର ଧରିଥିଲା। କଂଗ୍ରେସର କୌଣସି ବରିଷ୍ଠ ନେତା ଏହି ଆସନଟିକୁ ହାତେଇବା ପାଇଁ ଯେଉଁଳି ଉଦ୍ୟମ କରିବା କଥା ବା ସାଂଗଠନିକ ଦକ୍ଷତା ଦେଖାଇବା କଥା ତାହା ଦେଖାଇ ନପାରିବାରୁ କଂଗ୍ରେସର ଦୁର୍ଗ ବିଜେଡିର ଦୁର୍ଗ ଭାବେ ଏବେ ପରିଗଣିତ। ଯେଉଁ ଉପନିର୍ବାଚନରେ ରୀତା ପ୍ରାର୍ଥୀ ହୋଇଥିଲେ ସେତେବେଳେ ବିଜେପିର ବହୁ ଟାଣୁଆ ନେତା ଓ କେନ୍ଦ୍ର ମନ୍ତ୍ରୀ ବିଜେପୁରରେ ଡେରା ପକାଇଥିଲେ ବି ଭୋଟ ସଂଗ୍ରହ କରିବା ହାରରେ ପଛେଇ ଗଲେ। ତେଣୁ ସେତେବେଳେ ଚର୍ଚ୍ଚା ଆଲୋଚନା ହେଲା ଯେ, ଓଡ଼ିଶାରେ ନବୀନଙ୍କୁ ବାଦ୍ ଦେଇ ରାଜନୀତି କରିବା ସମ୍ଭବ ନୁହେଁ ଏବଂ ନିର୍ବାଚନୀ ରଣକୌଶଳରେ ବିଜେଡି ସର୍ବଦା ଆଗୁଆ ରହି ଆସିଛି। ଏଭଳି ପ୍ରମାଣ କେବଳ ବିଜେପୁର ନୁହେଁ ବରଂ ଗତ ୨୦ ବର୍ଷ ହେଲା ଓଡ଼ିଶାର ଭୋଟରମାନେ ଏହାକୁ ପ୍ରମାଣିତ କରି ଆସୁଛନ୍ତି। ଯେଉଁଥିପାଇଁ ବିରୋଧୀଙ୍କ ଚାଲ୍ ଫେଲ୍ ମାରୁଛି ଓ ରାଜ୍ୟ ଶାସନ କରିବା ପାଇଁ ସମର୍ଥ ହେଉଛି ବିଜେଡି।

୨୦୧୯ ସାଧାରଣ ନିର୍ବାଚନ ବେଳେ ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱା ବହୁଥିଲା ବେଳେ ଓଡ଼ିଶାରେ ଶାସନ ଦୃଶ୍ୟପଟ୍ଟ ବଦଳିବ ବୋଲି ଅନେକ ଆଶା ରଖିଥିଲେ। ➤ ପୃ-୬

## 'ବିକ୍ରମ'ର ହାର୍ଡଲ୍ୟାଣ୍ଡିଂ ସୁନିଶ୍ଚିତ କଲା ନାସା



**ନୂଆଦିଲ୍ଲୀ:** ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଚନ୍ଦ୍ରଯାନ-୨ ସମ୍ପର୍କରେ ତା'ର ରିପୋର୍ଟ ଉପସ୍ଥାପନ କରିଛି। ଏଥିରେ କୁହାଯାଇଛି, ଚନ୍ଦ୍ରଯାନ-୨ର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ହାର୍ଡ ଲ୍ୟାଣ୍ଡିଂ କରିଛି। ଯେଉଁଠାରେ ବିକ୍ରମ ଲ୍ୟାଣ୍ଡିଂ କରିଥିଲା, ନାସା ପକ୍ଷରୁ ସେହି ସ୍ଥାନର କେତେକ ଫଟୋ ଜାରି କରାଯାଇଛି। ତେବେ ବିକ୍ରମ କେଉଁଠାରେ ଖସିପଡ଼ିଛି, ସେ ସମ୍ପର୍କରେ କିଛି କୁହାଯାଇ ନାହିଁ। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ଚନ୍ଦ୍ରରେ ଏବେ ରାତି ହୋଇଥିବାରୁ ଚନ୍ଦ୍ରପୃଷ୍ଠର ଅଧିକାଂଶ ଭାଗରେ କେବଳ ଛାଇ ଦେଖିବାକୁ ମିଳୁଛି। ଏହି ଛାଇ ଭିତରେ ବିକ୍ରମ ଛପି ରହିଥାଇ ପାରେ ବୋଲି ଅନୁମାନ କରାଯାଉଛି।

**ଅଳସୁଆ, ପ୍ରଭାବହୀନ ଅଫିସରଙ୍କୁ ନବୀନଙ୍କ ଚରମବାଣୀ**

# ଖାଲି ପଦବୀ ପୂରଣ ପାଇଁ ଖୁବ୍‌ଶୀଘ୍ର ନିଷ୍ପତ୍ତି

**ଭୁବନେଶ୍ୱର:** ରାଜ୍ୟର ବିଭିନ୍ନ ବିଭାଗରେ ୧ ଲକ୍ଷ ୩୧ ହଜାର ୫୧୮ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ରହିଛି। ଏଗୁଡ଼ିକୁ ପୂରଣ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂପର୍କରେ ସମୀକ୍ଷା ଆରମ୍ଭ କରିଛନ୍ତି। ପ୍ରଥମେ ସମସ୍ତ ଥାନା ଓ ପରିବହନ କାର୍ଯ୍ୟାଳୟ ପରେ ରାଜ୍ୟର ସମସ୍ତ ହସ୍ପିଟାଲ। ନିଜର ପଞ୍ଚମ ପାଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନ ବ୍ୟବସ୍ଥାକୁ ତୃଣମୂଳ ସ୍ତରରୁ ମଜଭୁତ କରୁଥିବା ବେଳେ ଦୁର୍ନୀତିଖୋରଙ୍କ ପ୍ରତି କଡ଼ା ମନୋଭାବ ପୋଷଣ କରୁଛନ୍ତି। ଏପଟେ ଅଳସୁଆ ପ୍ରଭାବହୀନ ଅଫିସରଙ୍କୁ ନବୀନ ଚରମବାଣୀ ଶୁଣାଇଥିବା ବେଳେ ପ୍ରଶାସନ ଆପଣାଛାଏ ଧୀରେ ଧୀରେ ଟ୍ରାକକୁ ଫେରୁଛି। ତୃଣମୂଳ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପ୍ରଶାସନିକ ବିଧିବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଣି ଏକ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ସରକାରୀ ପଦବୀ ନେଇ ସେ ତର୍ଜମା ଆରମ୍ଭ କରିଛନ୍ତି। ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ସମ୍ବନ୍ଧିତ ତଥ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ଅନୁଯାୟୀ ତଥ୍ୟ ଆସିବା ପରେ ମୁଖ୍ୟମନ୍ତ୍ରୀ ଏହାକୁ ନେଇ ସମୀକ୍ଷା କରିଛନ୍ତି। ତେବେ ଖୁବଶୀଘ୍ର ଏହି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ସରକାର ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ସରକାରୀ ତଥ୍ୟ ଅନୁସାରେ ବିଭିନ୍ନ ସରକାରୀ ବିଭାଗରେ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ବହୁ ପଦବୀ ଖାଲି ପଡ଼ିଛି। ୫ ଲକ୍ଷ ୮୩ ହଜାର ସରକାରୀ ମଞ୍ଜୁରୀପ୍ରାପ୍ତ ପଦବୀରୁ ୧ ଲକ୍ଷ ୩୧ ହଜାର ୫୧୮ ଖାଲି ପଡ଼ିଛି। ଗୃହ ବିଭାଗରେ ୮୮ ହଜାର ୧୮୧ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବା ବେଳେ ୧୬ ହଜାର ୭୩୧ ପଦବୀ ଖାଲି ପଡ଼ିଛି। ସେହିଭଳି ସ୍ୱାସ୍ଥ୍ୟ ବିଭାଗରେ ୫୪ ହଜାର ୮୮୦ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବା ବେଳେ ➤ ପୃ-୬

# ଦଲାଲମୁକ୍ତ ହେଉ ସବୁ ଦପ୍ତର

**ଭୁବନେଶ୍ୱର:** ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ଦଲାଲଙ୍କୁ ଧରିବା ପାଇଁ ତତ୍ପରତା ପ୍ରକାଶ ପାଇଛି। ଦଲାଲୀ ରୋକିବାକୁ ଏବେ ଆକ୍ସନ ମୁଡ୍‌ରେ ପୋଲିସ। ପରିବହନ ବିଭାଗ ସମେତ ସରକାରୀ ହସ୍ପିଟାଲ ଗୁଡ଼ିକରେ ବର୍ତ୍ତମାନ ଦଲାଲଙ୍କୁ ବନ୍ଧା ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶ ବାସ୍ତବିକ ସ୍ୱାଗତଯୋଗ୍ୟ ଓ ରାଜ୍ୟର ବିକାଶ ପାଇଁ ଆବଶ୍ୟକତା ରହିଛି। ତେବେ ଦୀର୍ଘବର୍ଷ ଧରି ପିସି କାରବାରକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଉଠିଆସିଛି। ଏହି ପିସି କେବଳ ଗୋଟିଏ କି ଦୁଇଟି ବିଭାଗର ପ୍ରସଙ୍ଗ ନୁହେଁ।



ଯେଉଁଠାରେ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି ସେଠାରେ ଥିବା ଅଫିସର ଠାରୁ କିରାଣୀ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଲିପ୍ତ ରହୁଛନ୍ତି। ସାଧାରଣ ଲୋକଙ୍କ ପାଇଁ ଯେତିକି ଟଙ୍କାରେ କାର୍ଯ୍ୟ ହେବା କଥା ତାହା ବାଟମାରଣା ହୋଇଯାଉଛି। ଫଳରେ ସମସ୍ୟା ସୁଧୁରିବା ବଦଳରେ ଗୁରୁତର ହୋଇପଡୁଛି। ପିସିଖିଆ ଅଧିକାରୀମାନେ ଅଧିକରୁ ଅଧିକ ମୋଟା ହେଉଥିଲା ବେଳେ ଖଟିଖିଆ ଗରିବ ତଳିତଳାନ୍ତ ହୋଇଯାଉଛନ୍ତି। ଦୀର୍ଘବର୍ଷ ପରେ ମୁଖ୍ୟମନ୍ତ୍ରୀଙ୍କ ଦଲାଲମୁକ୍ତ ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ସାବାଡ ହୁଅନ୍ତେ ଓ ଲୋକେ ଉପଯୁକ୍ତ ନ୍ୟାୟ ପାଇପାରନ୍ତେ।

କେବଳ ପରିବହନ ବିଭାଗ ନୁହେଁ ରାଜସ୍ୱ, ଅବକାରୀ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବହୁକାଳୁ ଦଲାଲୀରାଜ ଚାଲିଆସିଛି। ସରକାରୀ ଦପ୍ତରରେ ସାଧାରଣ ଲୋକଙ୍କ ପାଇଁ ଯେଉଁ କାର୍ଯ୍ୟଟି ସହଜ ହୋଇନଥାଏ ସେହି ସବୁ କାର୍ଯ୍ୟ ପାଇଁ ଦଲାଲମାନେ ଚକ୍କର କାଟୁଥାନ୍ତି। ➤ ପୃ-୬

## ବକ୍ରବାଣୀ



ମାନ୍ୟବର ଆମ ଗୁହାରୀ ଶୁଣ
ମଦ ପିଉ ଆମେ କରିକି ଋଣ
ଆମ ପଇସାରେ ରାଜସ୍ୱ ବଢ଼େ
ପ୍ରାଇଜ ନବାକୁ ବେପାରୀ ଲଢ଼େ
ନାଚ ଦେଖିବାକୁ ଆଉଟୁ ଧାଇଁ
ମେହେଫିଲ ଆଉ ଜମୁ ତ ନାହିଁ
ଇସକେ କମର ଆଉ ବାଜୁନି
ୟେ ଗେଟ ଅପରେ ମନ ମାନୁନି
ମଣୀମା ଆମକୁ ନଜର ଦିଅ
ଘରେ ତୁମେ ଯାହା ପାରୁଚ ପିଅ।

——— ଟୁଟୁ

**ଜାତିସଂଘ ସାଧାରଣ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ**

# ଯୁଦ୍ଧ ନୁହେଁ, ବିଶ୍ୱକୁ ବୁଦ୍ଧ ଦେଇଛି ଭାରତ

**ନ୍ୟୁୟର୍କ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନ୍ୟୁୟର୍କଠାରେ ମିଳିତ ଜାତିସଂଘର ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ୭୪ତମ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ମୋଦୀ ନିଜ ଅଭିଭାଷଣରେ କହିଛନ୍ତି ଯେ, ମିଳିତ ଜାତିସଂଘ ମହାସଭାର ୭୪ତମ ଅଧିବେଶନକୁ ୧୩୦ କୋଟି ଭାରତୀୟଙ୍କ ପକ୍ଷରୁ ସମ୍ବୋଧିତ କରିବା ମୋ ପାଇଁ ଗୌରବର ଅବସର ଅଟେ। ଏହି ଅବସର ଏଥିପାଇଁ ସ୍ୱତନ୍ତ୍ର ଯେ, ସାରା ବିଶ୍ୱ ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପାଳନ କରିବାକୁ ଯାଉଛି। ସତ୍ୟ ଏବଂ ଅହିଂସାର ତାଙ୍କ ବାର୍ତ୍ତା ଆଜି ବିଶ୍ୱ ପାଇଁ ପ୍ରାସଙ୍ଗିକ। ଏବେ ବିଶ୍ୱର ସବୁଠୁ ବଡ ସ୍ୱଚ୍ଛତା ଅଭିଯାନ ଭାରତରେ ସମ୍ପନ୍ନ ହୋଇଛି। କେବଳ ୫ ବର୍ଷରେ ୧୧ କୋଟିରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରାଯାଇଛି। ଚଳିତ



ବର୍ଷ ବିଶ୍ୱର ସବୁଠୁ ବଡ ନିର୍ବାଚନ ହୋଇଛି। ବିଶ୍ୱର ସବୁଠୁ ବଡ ଲୋକତନ୍ତ୍ରର ଲୋକମାନେ ସବୁଠୁ ଅଧିକ ଭୋଟ ଦେଇ ମୋତେ ସରକାର ଗଠନ କରିବାକୁ ଜନାଦେଶ ଦେଇଛନ୍ତି। ମୁଁ ଏଠାରେ ସମ୍ବୋଧିତ କରୁଥିବା ବେଳେ ଆମ ଦେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ବଡ ଅଭିଯାନ ଚାଲିଛି। ଆମେ ଜଳ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ସହ ୧୫ କୋଟି ଲୋକଙ୍କୁ ପାଣି ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ୨୦୨୨ରେ ଭାରତ ନିଜ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବ। ୨୦୨୨ ସୁଦ୍ଧା ଆମେ ଗରିବଙ୍କ ପାଇଁ ୨ କୋଟି ଘର ନିର୍ମାଣ କରିବୁ। ଆମେ ୨୦୨୫ ସୁଦ୍ଧା ଭାରତକୁ ଟିବି ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଭାରତରେ ଦୂର ଓ ଅପହଞ୍ଚ ଅଞ୍ଚଳ ପର୍ଯ୍ୟନ୍ତ ୨.୫୦ ଲକ୍ଷ କିଲୋମିଟର ସଡକ ନିର୍ମାଣ କରିବାକୁ ଯାଉଛୁ। ଭାରତରେ ବିଶ୍ୱର ସବୁଠୁ ବଡ ସ୍ୱାସ୍ଥ୍ୟ ସେବା ଯୋଜନା ଆୟୁଷ୍ମାନ ଚାଲିଛି। ଏଥିରେ ପ୍ରତିବର୍ଷ ୫୦ ଲକ୍ଷ ଲୋକଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସାର ସୁବିଧା ଯୋଗାଇ ଦିଆଯାଉଛି। ଆମ ଦେଶର ସଂସ୍କୃତି ➤ ପୃ-୬

## ଭାରତକୁ ଅପଦସ୍ତ କରିବାକୁ ପାକ୍ ଷଡଯନ୍ତ୍ର ପଣ୍ଡ



**ନୂଆଦିଲ୍ଲୀ:** କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଓ ରାଜ୍ୟ ପୁନର୍ଗଠନରେ କ୍ଷୁବ୍ଧ ପାକିସ୍ତାନ ବିଶ୍ୱ ସମୁଦାୟର ସମର୍ଥନ ହାସଲ ଏବଂ ଭାରତକୁ ଅପଦସ୍ତ କରିବାକୁ ବାରମ୍ବାର ଉଦ୍ୟମ କରି ବିଫଳ ହେଉଛି। ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତିସଂଘ ସାଧାରଣ ଅଧିବେଶନରେ ଉଦ୍‌ବୋଧନ ଦେବାର ଅବ୍ୟବହିତ ପୂର୍ବରୁ ଏହି ବିଶ୍ୱ ପଞ୍ଚାୟତରେ ଭାରତକୁ ଅପଦସ୍ତ କରିବା ପାଇଁ ପାକିସ୍ତାନର ଷଡ଼ଯନ୍ତ୍ର ପଣ୍ଡ ହୋଇଯାଇଛି। ଏଥିସହିତ ବିଶ୍ୱ ସମୁଦାୟରେ ପାକିସ୍ତାନର ମୁଖା ଖୋଲିଯାଇଛି। ରିପୋର୍ଟ ଅନୁଯାୟୀ ଭାରତୀୟ ନୌସେନାର ପୂର୍ବତନ ଅଧିକାରୀ କୁଲଭୂଷଣ ଯାଦବଙ୍କ ଭଳି ଆଫଗାନିସ୍ତାନରେ କେଇସି ଇଣ୍ଟରନ୍ୟାସନାଲ ନାମକ ଏକ ସଂସ୍ଥାରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବେଣୁମାଧବ ଡୋଙ୍ଗରାଙ୍କୁ ସେଠାରୁ ଆଇଏସ୍‌ଆଇ ସହଯୋଗରେ ଅପହରଣ କରିନେଇ ଆତଙ୍କବାଦୀ ଲିଙ୍କ୍ ସହ ଯୋଡ଼ିବାକୁ ଉଦ୍ୟମ କରିଥିଲା ପାକିସ୍ତାନୀ ସାମରିକ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ। ୨୦୧୫ରେ ପାକିସ୍ତାନର ପେଶାୱର ଏୟାରବେସ୍‌ରେ ଘଟିଥିବା ଆତଙ୍କବାଦୀ ହମ୍‌ଲା ସହ ତାଙ୍କୁ ଛନ୍ଦି ଭାରତକୁ ଜାତିସଂଘରେ ଅପଦସ୍ତ କରିବାକୁ ଚାହୁଁଥିଲା ପାକିସ୍ତାନ। ଏଥିରେ ପାକିସ୍ତାନକୁ ସହଯୋଗ କରୁଥିଲା ଚୀନ୍। ➤ ପୃ-୬

# ଜଙ୍ଗଲ ଜମି ପଟ୍ଟା ମିଳିଛି, କିନ୍ତୁ ଚିହ୍ନଟ ହେଉନି

**ରାୟଗଡା,(ଅମୂଲ୍ୟ ନିଶଙ୍କ):** ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବାରେ ଓଡିଶା ସରକାର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଜଙ୍ଗଲ ଆଇନ ୨୦୦୬ ଅନୁସାରେ ବାସହୀତ ଆଦିବାସୀଙ୍କୁ ଏହି ପଟ୍ଟା ଦେବାରେ ରାୟଗଡା ଜିଲ୍ଲା ଶୀର୍ଷରେ ରହିଛି । ଗତ ୨୦୧୦ ମସିହାରେ ଚନ୍ଦ୍ରପୁର ବ୍ଲକ ଅଧିନସ୍ଥ ବିଜାପୁର ପଂଚାୟତରେ ଲିଡିଙ୍ଗ ପଦର ଓ ଲାମ୍ବାରି ଗୁଡା ଗ୍ରାମବାସୀଙ୍କୁ ଏଫ.ଆର.ସି ନଂ.୧୧୨୯୧/୨୦୧୦, ୧୧୨୯୪/୨୦୧୦, ୧୧୨୮୦/୨୦୧୦, ୧୧୨୯୩/୨୦୧୦, ୧୧୨୬୦/୨୦୧୦,୧୧୨୭୧/୨୦୧୦,୧୧୨୮୪/୨୦୧୦,୧୧୨୭୫/୨୦୧୦,୧୧୨୮୯/୨୦୧୦,୧୧୨୮୨/୨୦୧୦,୧୧୨୮୮/୨୦୧୦,୧୧୨୭୦/୨୦୧୦,୧୧୨୭୨/୨୦୧୦,୧୧୨୬୯/୨୦୧୦,୧୧୨୯୫/୨୦୧୦,୧୧୨୬୧/୨୦୧୦,୧୧୨୬୭/୨୦୧୦,୧୧୨୮୧/୨୦୧୦,୧୧୨୭୮/୨୦୧୦,୧୧୨୮୬/୨୦୧୦,୧୧୨୬୪/୨୦୧୦,୧୧୨୫୯/୨୦୧୦,୧୧୨୭୩/୨୦୧୦,୧୧୨୬୮/୨୦୧୦,୧୧୨୬୫/୨୦୧୦,୧୧୨୭୬/୨୦୧୦,୧୧୨୬୨/୨୦୧୦,୧୧୨୬୬/



୨୦୧୦,୧୧୨୬୬/୨୦୧୦,୧୧୨୫୬/୨୦୧୦,୧୨୮୫/୨୦୧୦,୧୧୨୭୯/୨୦୧୦,୧୧୨୬୩/୨୦୧୦,୧୧୨୫୭/୨୦୧୦,୧୧୨୯୨/୨୦୧୦,୧୧୨୮୩/୨୦୧୦,୧୧୨୫୮/୨୦୧୦,୧୧୨୮୭/୨୦୧୦,୧୧୨୭୪/୨୦୧୦ ଅନୁଯାୟୀ ଉକ୍ତ ୩୮ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ଦିଆଯାଇଛି । ସେଥିରେ ଗ୍ରାମ ମାଲଙ୍ଗବାଜୁ ଓ ମୌଜା ମାଲଙ୍ଗବାଜୁ ବୋଲି ଉଲ୍ଲେଖ ଅଛି ଏବଂ ଏଥିରେ ଖାତା ନଂ ପ୍ଲଟ ନଂ ଓ କିସମ ସଂପୂର୍ଣ୍ଣ ଭାବେ ଦିଆଯାଇନାହିଁ। ପୁନଶ୍ଚ ଆଶ୍ଚର୍ଯ୍ୟର ବିଷୟ ୨୦୧୦ ମସିହାରେ ଯେତେବେଳେ ଏହି ଜଙ୍ଗଲ ଜମି ଶିରୋନାମା ଦିଆଯାଇଛି ସେଥିରେ ଏଫ.ଆର.ସି ନଂ ୧୧୨୭୪/୨୦୧୦ ବିନାମିନି କିନିହାଡାକା, ୧୧୨୮୯/୨୦୧୦ ନହ ଡାସପ୍ରାସ୍କା, ୧୧୨୭୫/୨୦୧୦ ଆୟୁବ କିନିହାଡାକାଙ୍କ ନାମରେ ଦିଆଯାଇଛି, ସେତେବେଳେ ସେମାନଙ୍କର ବୟସ ୧୦ ରୁ ୧୨ ବର୍ଷଥିଲା। ସେମାନଙ୍କ ନାମରେ କିପରି ଦିଆଗଲା ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଉପରୋକ୍ତ ଶିରୋନାମା ଗୁଡିକୁ ରଦ୍ଦ କରାଯାଉ। ଠିକ ସେହିପରି ନୂଆଗାଁ ଗ୍ରାମବାସୀ ଏଫ.ଆର. ସି ନଂ. ୨୧୬୮୫/୨୦୧୫, ୨୧୬୭୩/୨୦୧୫, ୨୧୬୭୭/୨୦୧୫, ୨୧୬୮୨/୨୦୧୫, ୨୧୬୮୭/୨୦୧୫, ୨୧୬୭୬/୨୦୧୫, ୨୧୬୮୫/୨୦୧୫, ୨୧୭୦୩/୨୦୧୫, ୨୧୬୭୭/୨୦୧୫, ୨୧୬୮୨/୨୦୧୫, ୨୧୬୮୨/୨୦୧୫, ୨୧୬୮୮/୨୦୧୫, ୨୧୬୮୫/୨୦୧୫, ୨୧୬୭୩/୨୦୧୫, ୨୧୬୯୩/୨୦୧୫, ୨୧୭୦୩/୨୦୧୫, ୨୧୬୩୦/୨୦୧୫, ୨୧୬୯୦/୨୦୧୫, ୨୧୬୮୧/୨୦୧୫, ୨୦୧୬୭୪/୨୦୧୫ ଏମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ଏଥିରେ ମୌଜା, ଗ୍ରାମର ନାମ, ଖାତା ନଂ ଓ ପ୍ଲଟ ନଂ ଉଲ୍ଲେଖ ଅଛି । ମିଳିଥିବା ସୂଚନା ମୁତାବକ ରାୟଗଡା ଜିଲ୍ଲା ଅଧିନସ୍ଥ ଚନ୍ଦ୍ରପୁର ବ୍ଲକର ବିଜାପୁର ମୌଜାର ଖାତା ନଂ ୬୦, ୬୧ ର ପ୍ଲଟ ନଂ ୪୯୬, ୫୧.୫୨୦, ୫୨.୫୪୩, ୫୨.୫୨୧,୫୭.୫୨୨,୬୦୫ ➤ ପୃ-୬




EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ। ନୂଆ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଜମିଜମା ବିବାଦ ଲାଗି ରହିବ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ**
ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ନୂତନ କାର୍ଯ୍ୟରେ ଯୋଗଦାନ କରିବେ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ।

**ମିଥୁନ**
ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ।

**କର୍କଟ**
ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ପାଇବେ।

**ସିଂହ**
ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ହୋଇଯିବ।

**କନ୍ୟା**
ଯାନବାହନ ପ୍ରତି ସତର୍କ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟା ବିଗିଡି ଯିବ। କୋର୍ଟକଚେରି ବିବାଦର ସମାଧାନ ହେବ। ଧନପ୍ରାପ୍ତିର ପ୍ରବଳ ସୁଯୋଗ ରହିଛି।

**ତୁଳା**
ମାନସିକ ସୁସ୍ଥତା ଅନୁଭବ କରିବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ଅଧିକ ପରିଶ୍ରମ କଲେ ଆଶାନୁରୂପ ଫଳ ମିଳିବ। ବ୍ୟବସାୟୀରେ ଲାଭ ହେବ।

**ବିଛା**
ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ।

**ଧନୁ**
ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ କଟିବ।

**ମକର**
ପରିବାରର ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ।

**କୁମ୍ଭ**
ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ପଡିରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ମିଳିବ। କଳାକାରମାନେ ଅସୁବିଧାରେ ପଡିବେ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ**
ଚାକିରିଆଙ୍କର ଦୂର ସ୍ଥାନକୁ ବଦଳି ହୋଇପାରେ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ପାରିବାରିକ କନ୍ଦଳରୁ ଖୁବ୍‌ଶୀଘ୍ର ମୁକ୍ତି ମିଳିଯିବ।



**ଚନ୍ଦ୍ରଶେଖର ମିଶ୍ର**
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ 'ଗ୍ଲୋବାଲ ଗୋଲ୍‌କିପର' ପୁରସ୍କାର

**ନ୍ୟୁୟର୍କ,(ପିଆଇବି):** ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ବିଲ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ଗ୍ଲୋବାଲ ଗୋଲକିପର' ପୁରସ୍କାର ପ୍ରଦାନ କରାଯାଇଛି। ନ୍ୟୁୟର୍କରେ ୨୪ ସେପ୍ଟେମ୍ବର, ୨୦୧୯ରେ ଜାତିସଂଘର ସାଧାରଣ ଅଧିବେଶନ ସମୟରେ ଏହି ପୁରସ୍କାର ପ୍ରଦାନ ସମାରୋହ ଆୟୋଜନ ହୋଇଥିଲା। ଯେଉଁ ଭାରତୀୟମାନେ ସ୍ୱଚ୍ଛ ଭାରତ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ଏବଂ ଏହାକୁ ତାଙ୍କ ଦୈନନ୍ଦିନ ଜୀବନର ଏକ ଅଂଶବିଶେଷ ଭାବେ ପରିଣତ କରିଛନ୍ତି ପ୍ରଧାନମନ୍ତ୍ରୀ ସେମାନଙ୍କ ଉଦ୍ଦେଶ୍ୟରେ ଏହି ପୁରସ୍କାରକୁ ଉତ୍ସର୍ଗ କରିଥିଲେ। ଭାରତର ଜନସାଧାରଣଙ୍କ ପାଇଁ ସ୍ୱଚ୍ଛ ଭାରତ ମିଶନ ସଫଳ ହୋଇଛି। ସେମାନେ ଏହାକୁ ଜନ ଆନ୍ଦୋଳନରେ ପରିଣତ କରିଦେଲେ ଯାହାଫଳରେ କି ଇପ୍ସିତ ଫଳ ମିଳିଲା ବୋଲି ପୁରସ୍କାର ପାଇବା ପରେ ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହି ପୁରସ୍କାର ଗ୍ରହଣ କରିବା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ମୁହୂର୍ତ୍ତ ବୋଲି ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଲେ ଯେ, ସ୍ୱଚ୍ଛ ଭାରତ ଅଭିଯାନ ଏକ ପ୍ରମାଣ ଯେ ଯେତବେଳେ ୧୩୦ କୋଟି



ଭାରତୀୟ ଶପଥ ନିଅନ୍ତି, ସେତବେଳେ ଯେକୌଣସି ଆହ୍ୱାନର ସମାଧାନ କରିହେବ। ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ପୁରଣ କରିବାରେ ଭାରତ ଅନେକ ପ୍ରଗତି କରିଥିବା ସେ ପ୍ରକାଶ କରିଥିଲେ। ଗତ ୫ ବର୍ଷ ମଧ୍ୟରେ ୧୧ କୋଟିରୁ ଉର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ ହୋଇଛି ଯାହାକି ଏକ ରେକର୍ଡ। ଏହି ମିଶନ ବିଶେଷକରି ଦେଶରେ ଗରିବ ଓ ମହିଳାମାନଙ୍କୁ ଲାଭ ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟଗତ ଲାଭ ସହିତ, ୧୧ କୋଟି ପାଇଖାନାର ନିର୍ମାଣ ଦ୍ୱାରା ଗ୍ରାମାଂଚଳରେ ଅର୍ଥନୈତିକ କାର୍ଯ୍ୟଧାରାକୁ ବଳ ମିଳିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ବିଶ୍ୱବ୍ୟାପୀ ସ୍ୱଚ୍ଛତା କଭରେଜ ସମ୍ବନ୍ଧରେ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଅନ୍ୟ ଦେଶମାନଙ୍କ ସହ ଭାରତ ଏହାର ବିଶେଷଜ୍ଞତା ଓ ଅନୁଭବ ବାଂଟିବା ପାଇଁ ପ୍ରସ୍ତୁତ ଅଛି ଯାହାଫଳରେ ସ୍ୱଚ୍ଛତା କଭରେଜ କ୍ଷେତ୍ରରେ ଏକ ସାମଗ୍ରୀକ ପଦକ୍ଷେପ ଗ୍ରହଣ କରାଯାଇ ପାରିବ। ଫିଟ ଇଣ୍ଡିଆ ଓ ଜଳ ଜୀବନ ମିଶନ ଆଦି ଆନ୍ଦୋଳନ ମାଧ୍ୟମରେ ମିଶନ ମୋଡରେ ପ୍ରତିଶେଧକ ସ୍ୱାସ୍ଥ୍ୟସେବା ଦିଗରେ ଭାରତ ପଦକ୍ଷେପ ଗ୍ରହଣ କରୁଛି ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ।

# ପ୍ରଦାନ ହେବ ସର୍ଦ୍ଦାର ପଟେଲ ରାଷ୍ଟ୍ରୀୟ ଏକତା ପୁରସ୍କାର

**ନୂଆଦିଲ୍ଲୀ, (ପିଆଇବି):** ରାଷ୍ଟ୍ରର ଏକତା ଓ ଅଖଣ୍ଡତା କ୍ଷେତ୍ରରେ ଯୋଗଦାନ ପାଇଁ ଭାରତ ସରକାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନାମରେ ସର୍ବୋଚ୍ଚ ନାଗରିକ ପୁରସ୍କାର ଆରମ୍ଭ କରିଛନ୍ତି। ଗୃହ ମନ୍ତ୍ରଣାଳୟ ଦ୍ୱାରା ସର୍ଦ୍ଦାର ପଟେଲ ରାଷ୍ଟ୍ରୀୟ ପୁରସ୍କାର ଆରମ୍ଭ କରାଯିବାର ଏକ ଅଧିସୂଚନା ସେପ୍ଟେମ୍ବର ୨୦, ୨୦୧୯କୁ ଜାରି କରାଯାଇଛି। ଏହି ପୁରସ୍କାରର ଉଦ୍ଦେଶ୍ୟ ହେଉଛି ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଏକ ମଜଭୁତ ଓ ଅଖଣ୍ଡ ଭାରତର ମୂଲ୍ୟବୋଧକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ଯୋଗଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା। ରାଷ୍ଟ୍ରୀୟ ଏକତା ଦିବସ, ଅର୍ଥାତ ଅକ୍ଟୋବର ୩୧, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଅବସରରେ ଏହି ପୁରସ୍କାରର ଘୋଷଣା କରାଯିବ। ଏହି ପୁରସ୍କାର ରାଷ୍ଟ୍ରପତିଙ୍କ ଦ୍ୱାରା ତାଙ୍କ ସ୍ୱାକ୍ଷର ଓ ମୋହର ଥିବା ଏକ ସନନ୍ଦ ରୂପେ ପ୍ରଦାନ କରାଯିବ ଏବଂ ରାଷ୍ଟ୍ରପତି ଭବନରେ ଆୟୋଜିତ ପଦ୍ମ ପୁରସ୍କାର ସମାରୋହ ସହିତ ଏକ ପୁରସ୍କାର




ସମାରୋହରେ ତାଙ୍କ ଦ୍ୱାରା ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ ପୁରସ୍କାର ସମିତିର ଗଠନ କରାଯିବ, ଯେଉଁଥିରେ ସଦସ୍ୟ ଭାବେ କ୍ୟାବିନେଟ ସଚିବ, ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ, ରାଷ୍ଟ୍ରପତିଙ୍କ ସଚିବ, ଗୃହସଚିବ ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚୟନ କରାଯାଇଥିବା ତିନିଚାରି ଜଣ ପ୍ରତିଷ୍ଠିତ ବ୍ୟକ୍ତି ସାମିଲ ହେବେ। ପୁରସ୍କାରରେ ଏକ ପଦକ ଏବଂ ସମ୍ବର୍ଦ୍ଧନା ପତ୍ର ରହିବ। ଏହି ପୁରସ୍କାରରେ କୌଣସି ଅନୁଦାନ କିମ୍ବା ନଗଦ ରାଶି ପ୍ରଦାନ କରାଯିବ ନାହିଁ। ଗୋଟିଏ ବର୍ଷ ମଧ୍ୟରେ ତିନିରୁ ଅଧିକ ପୁରସ୍କାର ଦିଆଯିବ ନାହିଁ। ଏହା ଅତି ଅସାଧାରଣ ଏବଂ ଅତ୍ୟଧିକ ସୁଯୋଗ୍ୟ ବ୍ୟକ୍ତିଙ୍କୁ ଛାଡି ମରଣୋତର ଭାବେ ପ୍ରଦାନ କରାଯିବ ନାହିଁ। ପ୍ରତିବର୍ଷ ନାମାଙ୍କନ ଆମନ୍ତ୍ରଣ କରାଯିବ। ଆବେଦନକୁ ଗୃହ ମନ୍ତ୍ରଣାଳୟ ଦ୍ୱାରା ବିଶେଷ ଭାବେ ଡିଜାଇନ କରାଯାଇଥିବା ୱେବସାଇଟରେ ଅନଲାଇନ ଫାଇଲ କରିବା ଆବଶ୍ୟକ ହେବ। ଧର୍ମ, ଜାତି, ଲିଙ୍ଗ, ଜନ୍ମସ୍ଥାନ, ବୟସ କିମ୍ବା ବୃତିର ବିନା ଭେଦଭାବରେ ଭାରତର ଯେକୌଣସି ନାଗରିକ ଏବଂ ଯେକୌଣସି ସଂସ୍ଥା/ସଙ୍ଗଠନ ଏହି ପୁରସ୍କାର ପାଇଁ ଯୋଗ୍ୟ ହେବେ। ଭାରତରେ ସ୍ଥିତ ଯେକୌଣସି ଭାରତୀୟ ନାଗରିକ କିମ୍ବା ସଂସ୍ଥା କିମ୍ବା ସଙ୍ଗଠନ ଏହି ପୁରସ୍କାର ଲାଗି ଯେକୌଣସି ବ୍ୟକ୍ତିର ନାମାଙ୍କନ ଦାଖଲ କରିପାରିବେ। ବ୍ୟକ୍ତି ନିଜେ ମଧ୍ୟ ନାମାଙ୍କନ ଦାଖଲ କରିପାରିବେ। ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଏବଂ ଭାରତ ସରକାରଙ୍କ ମନ୍ତ୍ରଣାଳୟ ମଧ୍ୟ ନାମାଙ୍କନ ପଠାଇ ପାରିବେ।

### ମାଲାବାର ଯୁଦ୍ଧାଭ୍ୟାସ-୨୦୧୯

# ଭାଗନେବେ ଭାରତ, ଜାପାନ, ଆମେରିକା ନୌସେନା

**ନୂଆଦିଲ୍ଲୀ,(ପିଆଇବି):** ଭାରତ, ଜାପାନ ଓ ଆମେରିକା ମଧ୍ୟରେ ତ୍ରିପାକ୍ଷିକ ମାଲାବାର ସାମୁଦ୍ରିକ ଅଭ୍ୟାସର ୨୩ତମ ସଂସ୍କରଣ ଜାପାନ ଉପକୂଳରେ ୨୦୧୯ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୪ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଯୁଦ୍ଧାଭ୍ୟାସରେ ଭାଗନେବା ପାଇଁ କମାଣ୍ଡିଂ ଇଷ୍ଟର୍ଣ୍ଣ ଫ୍ଲିଟର ଫ୍ଲାଗ ଅଫିସର ରିଅର ଆଡମିରାଲ ସୁରଜ ବେରୀଙ୍କ ସହିତ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଦୁଇଟି ପ୍ରମୁଖ ଭାରତୀୟ ନୌଜାହାଜ-ବହୁବିଧ କ୍ଷେପଣାସ୍ତ୍ର ପ୍ରକ୍ଷେପଣ କ୍ଷମତା ବିଶିଷ୍ଟ ସହ୍ୟାଦ୍ରି ଏବଂ ଏଏସଡବ୍ଲୁ କର୍ଭେଟ କିଲଟନ ଆଜି ସାସେବୋରେ ପହଂଚିଛନ୍ତି। ଏହି ନୌଜାହାଜ ମାନଙ୍କ ସହ ପି୮ଆଇ ଦୂରଗାମୀ ସାମୁଦ୍ରିକ ପାଟ୍ରୋଲ ବାୟୁଯାନ ମଧ୍ୟ ଯୁଦ୍ଧାଭ୍ୟାସରେ ଭାଗନେବା ପାଇଁ ଜାପାନରେ ପହଂଚିଛି। ଆମେରିକୀୟ ନୌସେନାରେ ସାମିଲ ରହିଛି ୟୁଏସଏସ ମ୍ୟାକ କ୍ୟାମ୍ପବେଲ ବୁଡାଜାହାଜ ଏବଂ ପି୮ଏ ଦୂରଗାମୀ ସାମୁଦ୍ରିକ ପାଟ୍ରୋଲ ବାୟୁଯାନ। ଇଜୁମୋକ୍ଲାସ ହେଲିକପ୍ଟର ବିଧ୍ୱଂସକ ଜେଏସ କାଗା, କ୍ଷେପଣାସ୍ତ୍ର ବିଧ୍ୱଂସକ ଜେଏସ ସାମିଦାରେ ଓ ଚୌକାଇ ଏବଂ ପି୧ ଦୂରଗାମୀ ସାମୁଦ୍ରିକ ପାଟ୍ରୋଲ ବାୟୁଯାନ ମଧ୍ୟ ଯୁଦ୍ଧାଭ୍ୟାସରେ ଭାଗନେବ। ମାଲାବାର ୨୦୧୯ ଦ୍ୱାରା ଭାରତ-ଜାପାନ ଓ ଆମେରିକା ମଧ୍ୟରେ ନୌସେନା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବା ସହିତ ଅନୁଭବ ଓ ଉପଲବ୍ଧିର ଆଦାନ ପ୍ରଦାନ କରାଯାଇପାରିବ । ଏହି ଯୁଦ୍ଧାଭ୍ୟାସରେ ସମୁଦ୍ର ଉପରେ, ଅଳ୍ପ ଗଭୀରତାରେ, ଅଧିକ ଗଭୀରତାରେ, ବୁଡାଜାହାଜ ନିରୋଧି ଯୁଦ୍ଧ, କ୍ଷେପଣାସ୍ତ୍ର ନିରୋଧି ଯୁଦ୍ଧ ଆଦି ରଣନୀତି ସମ୍ବନ୍ଧରେ ଅଭ୍ୟାସ କରାଯିବ। ଏଥି ସହିତ ଏହି ଅଭ୍ୟାସ କାଳରେ ଆନୁଷ୍ଠାନିକ ଗସ୍ତ, ବୃତିଗତ ଭାବ ବିନିମୟ, ବିଭିନ୍ନ ବିଷୟ ଉପରେ ବିଶେଷଜ୍ଞତାର ଆଦାନ ପ୍ରଦାନ, ପାରସ୍ପରିକ ଜାହାଜକୁ ଗସ୍ତ, କ୍ରୀଡ଼ା ଓ ସାମାଜିକ କାର୍ଯ୍ୟର ମଧ୍ୟ ଆୟୋଜନ କରାଯିବ। ଏହି ଯୁଦ୍ଧାଭ୍ୟାସରେ ଭାରତୀୟ ନୌସେନାର ଜାହାଜ ଓ ବାୟୁଯାନ ଅଂଶଗ୍ରହଣ କରିବା ଫଳରେ ତିନି ଦେଶ ମଧ୍ୟରେ ସାମୁଦ୍ରିକ କ୍ଷେତ୍ରରେ ସହାୟତା ବୃଦ୍ଧି ପାଇବା ସହିତ ସଂପୃକ୍ତ ଅଂଚଳମାନଙ୍କରେ ସୁରକ୍ଷା ଓ ସ୍ଥାୟୀତ୍ୱ ବୃଦ୍ଧି ପାଇବ।

# ହାଫିଜ୍‌କୁ ବ୍ୟାଙ୍କ କାରବାର ପାଇଁ ଜାତିସଂଘ କମିଟିର ଅନୁମତି

**ନୂଆଦିଲ୍ଲୀ:** ଆତଙ୍କୀସ୍ଥାନ ପାକିସ୍ତାନର ଆତଙ୍କବାଦୀଙ୍କ ସହ ଥିବା ସମ୍ପର୍କ ପୁଣିଥରେ ସାମ୍ନାକୁ ଆସିଛି। ମୁମ୍ବାଇ ୨୬/୧୧ ଆତଙ୍କବାଦୀ ହମଲା ମାଷ୍ଟର ମାଇଣ୍ଡ ତଥା ବିଶ୍ୱସ୍ତରୀୟ ଆତଙ୍କବାଦୀ ହାଫିଜ ସୟିଦ ପାଇଁ ପାକିସ୍ତାନ ଜାତିସଂଘ ସୁରକ୍ଷା ପରିଷଦ ନିକଟରେ ଗୁହାରି କରିଛି।



ହାଫିଜ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷିତ ହୋଇଥିବାରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି। ଏବେ ତା'ର ଓ ତା' ପରିବାର ଲୋକଙ୍କ ଚଳିବାରେ ଅସୁବିଧା ହେଉଥିବାରୁ ପାକିସ୍ତାନ ହାଫିଜ୍ ପାଇଁ ଓକିଲାତି କରିଛି। ପାକିସ୍ତାନ ଖୋଲାଖୋଲି ଭାବେ ହାଫିଜକୁ ସମର୍ଥନ କରିବା ସହ ତା'କୁ ଜାତିସଂଘ ସୁରକ୍ଷା ପରିଷଦ ଟଙ୍କା ଉଠାଣ ପାଇଁ ଅନୁମତି ଦେବାକୁ ନିବେଦନ କରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ ମଧ୍ୟ ପାକିସ୍ତାନର ହାଫିଜ ପ୍ରୀତିକୁ ଗ୍ରହଣ କରି ଏହି କୁଖ୍ୟାତ ଆତଙ୍କବାଦୀକୁ ଟଙ୍କା ଉଠାଇବାକୁ ଅନୁମତି ଦେଇଛି। କେବଳ ହାଫିଜ ନୁହେଁ ଅନ୍ୟତମ ଆତଙ୍କବାଦୀ ହାଜି ମହମ୍ମଦ ଅଶ୍ରଫ ଓ ଜାଫର ଇକବାରକୁ ମଧ୍ୟ ଟଙ୍କା ଉଠାଣ ପାଇଁ ଅନୁମତି ମିଳିଛି। ଜାତିସଂଘ ଜାରି କରିଥିବା ଏକ ବିଜ୍ଞପ୍ତି ଅନୁଯାୟୀ, ପାକିସ୍ତାନ ହାଫିଜକୁ ଟଙ୍କା ଉଠାଣ ଅନୁମତି ମିଳିବା ଦରକାର ବୋଲି ଦାବି କରିଥିଲା। ଏହା ବିରୋଧରେ କୌଣସି ରାଷ୍ଟ୍ର ସ୍ୱର ନ ଉଠାଇବାରୁ ଜାତିସଂଘ ଟଙ୍କା ଉଠାଣର ଅନୁମତି ଦେଉଛି। ଏବେ ହାଫିଜ୍ ଓ ଅନ୍ୟମାନେ ମାସିକ ୧,୫୦,୦୦୦ ଟଙ୍କା ଉଠାଇ ପାରିବେ। ହାଫିଜ୍ ସୟିଦ୍ ପରିବାରରେ ୪ଜଣ ସଦସ୍ୟ ରହିଛନ୍ତି। ଏମାନେ ହାଫିଜ୍ ଉପରେ ନିର୍ଭରଶୀଳ। ଘର ଚଳାଇବା ପାଇଁ ଟଙ୍କା ଆବଶ୍ୟକ ରହିଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ଉପରେ ପ୍ରତିବନ୍ଧକ ଲଗାଯାଇଥିବାରୁ ହାଫିଜ୍ ଟଙ୍କା ଉଠାଇ ପାରୁନଥିଲା। ଏଣୁ ପାକିସ୍ତାନ ସରକାର ଜାତିସଂଘ ସୁରକ୍ଷା ପରିଷଦକୁ କୋହଳ ମନୋଭାବ ପୋଷଣ କରିବାକୁ ଗୁହାରୀ କରିଥିଲେ। ଜାତିସଂଘ ସୁରକ୍ଷା ପରିଷଦ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ଓ ପରିବାର ଚଳାଇବାକୁ ହାଫିଜକୁ ଅନୁମତି ଦେଇଛନ୍ତି।

# 'ଏନ୍‌ଆର୍‌ସିରୁ ବାଦ୍‌ପଡ଼ିଲେ ବି ମତଦାନ କରିପାରିବେ'

**ନୂଆଦିଲ୍ଲୀ:** ଆସାମରେ ଜାତୀୟ ନାଗରିକ ପଞ୍ଜି (ଏନ୍‌ଆର୍‌ସି) ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନେ ଭୋଟର ତାଲିକାରେ ନାମ ଥିଲେ ମତଦାନ କରିପାରିବେ। ନିର୍ବାଚନ କମିଶନ ପକ୍ଷରୁ ଏହା ଘୋଷଣା କରାଯାଇଛି। ତେବେ କମିଶନ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି ଯେ, ସନ୍ଦିଗ୍ଧ ଭୋଟରମାନେ ଆଗାମୀ ନିର୍ବାଚନରେ ମତଦାନ କରିପାରିବେ ନାହିଁ। ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ୧୯ ଲକ୍ଷ ଲୋକଙ୍କ ମଧ୍ୟରୁ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜିକୃତ ହୋଇଛି, ସେମାନେ ମତଦାନ କରିପାରିବେ। କିନ୍ତୁ ପଞ୍ଜିକୃତ ଭୋଟରଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ବୋଲି ନିର୍ବାଚନ କମିଶନ କହିଛନ୍ତି। ନିର୍ବାଚନ କମିଶନ ପକ୍ଷରୁ ଭୋଟର ତାଲିକା ସଂଶୋଧନ ସମୟରେ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ଲୋକଙ୍କ ମଧ୍ୟରୁ ଯେଉଁମାନଙ୍କ ସମ୍ପର୍କରେ ସନ୍ଦେହ ଉପୁଜିଥିଲା, ସେମାନଙ୍କୁ ଭୋଟର ତାଲିକାରେ ଡିଭୋଟର (ସନ୍ଦେହଜନକ ଭୋଟର) ଭାବରେ ଚିହ୍ନଟ କରାଯାଇଛି। ୧୯୯୭ରେ ନିର୍ବାଚନ କମିଶନ ରାଜ୍ୟରେ ଭୋଟର ତାଲିକା ସଂଶୋଧନ କଲାବେଳେ ଏହି ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ। ଆସାମର ଭୋଟର ତାଲିକାରେ ଡି-ଭୋଟରଙ୍କ ନାମ ରହିଥିଲେ ମଧ୍ୟ ସେମାନଙ୍କ ସମ୍ପର୍କରେ ଫରେନର୍ସ ଟ୍ରିବ୍ୟୁନାଲରେ ଫୈସଲା ନ ହେବା ପର୍ଯ୍ୟନ୍ତ ସେମାନେ ମତଦାନ କରିପାରିବେ ନାହିଁ। ଗତ ଲୋକସଭା ନିର୍ବାଚନ ସମୟରେ ୧.୨ ଲକ୍ଷ ଡି-ଭୋଟର ମତଦାନରୁ ବାଦ୍ ପଡ଼ିଥିଲେ। ଅଥଚ ଏନ୍‌ଆର୍‌ସି ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କୁ ମତଦାନର ସୁଯୋଗ ମିଳିଥିଲା। ଗତ ଅଗଷ୍ଟ ୩୦ରେ ଚୂଡ଼ାନ୍ତ ଏନ୍‌ଆର୍‌ସି ପ୍ରକାଶ ପାଇଥିଲା। ଏଥିରେ ୩.୧୧ କୋଟି ଆବେଦନକାରୀଙ୍କ ମଧ୍ୟରୁ ୧୯ ଲକ୍ଷ ଲୋକ ବାଦ୍ ପଡ଼ିଥିଲେ। ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ସ୍ପଷ୍ଟୀକରଣ ଜାରି କରି ଦର୍ଶାଇଥିଲେ ଯେ, ଯେଉଁମାନଙ୍କର ନାମ ଚୂଡ଼ାନ୍ତ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଛି, ଟ୍ରିବ୍ୟୁନାଲରେ ଫୈସଲା ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ବିଦେଶୀ ନାଗରିକ ଭାବେ ବିବେଚନା କରାଯିବ ନାହିଁ।

# ଇ-ସିଗାରେଟ୍ ଆମଦାନୀ ବନ୍ଦ

**ନୂଆଦିଲ୍ଲୀ:** ନିକଟରେ ଇ-ସିଗାରେଟ୍ ଏବଂ ଏହାସହ ଜଡ଼ିତ ଅଂଶ (ରିଫିଲ୍ ପଡ୍ ଓ ଇ-ହୁକା)ର ବ୍ୟବହାର ତଥା ଆମଦାନୀ ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଥିବାବେଳେ ବର୍ତ୍ତମାନ ଏହାର ଆମଦାନୀକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ତରଫରୁ ସୂଚିତ କରାଯାଇଛି। ଏନେଇ ସରକାରଙ୍କ ଇଲେକ୍ଟ୍ରିକ୍ ସିଗାରେଟ୍ (ଉତ୍ପାଦନ, ନିର୍ମାଣ, ଆମଦାନୀ, ରପ୍ତାନି, ପରିବହନ, ବିକ୍ରି, ବିତରଣ, ଭଣ୍ଡାର ଏବଂ ବିଜ୍ଞାପନ) ନିଷେଧ ଅଧ୍ୟାଦେଶ ୨୦୧୯ର ଅନୁପାଳନ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ବିଦେଶ ବ୍ୟାପାର ମହାନିର୍ଦ୍ଦେଶାଳୟ ବିଜ୍ଞପ୍ତି ଜାରି କରି କହିଛି ଯେ, ଇଲେକ୍ଟ୍ରୋନିକ୍ ସିଗାରେଟ୍ ବା ରିଫିଲ୍ ପଡ୍ ଭଳି ଏହାର କୌଣସି ବି ଅଂଶ ସମେତ ଇଲେକ୍ଟ୍ରୋନିକ୍ ନିକୋଟିନ୍ ଡେଲିଭରୀ ସିଷ୍ଟମ୍, ଇ-ହୁକା ଏବଂ ଅନ୍ୟ ଉପକରଣର ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୮-୧୯ରେ ଭାରତ ୯.୧୨ କୋଟି ଡଲାର ଇ-ସିଗାରେଟ୍ ଉତ୍ପାଦର ଆମଦାନୀ କରିଥିଲା। ଚଳିତ ଆର୍ଥିକବର୍ଷର ଏପ୍ରିଲ୍-ଜୁଲାଇ ତ୍ରୟମାସରେ ୫.୮ କୋଟି ଡଲାରର ଆମଦାନୀ ହୋଇଛି। ଗତ ସପ୍ତାହରେ ସରକାର ବିଜ୍ଞପ୍ତି ଜାରି କରି ଇ-ସିଗାରେଟ୍‌ର ବ୍ୟବହାର ସମେତ ଏହାର ଉତ୍ପାଦନ, ଆମଦାନୀ, ବିକ୍ରି, ବିତରଣ ଏବଂ ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲାଗୁ କରିଥିଲେ। ଏପରି କରିବା ଦ୍ୱାରା ଜେଲ୍‌ଦଣ୍ଡ ସହିତ ଜୋରିମାନା ଦେବାକୁ ହେବ ବୋଲି ଉଲ୍ଲେଖ କରାଯାଇଥିଲା।

# ଜଳପଥ ଆକ୍ରମଣ ଆଶଙ୍କାକୁ ଏଡାଇ ହେବନି: ରାଜନାଥ

**କୋଲ୍ଲମ:** ଭାରତ ବିରୋଧରେ ପାକିସ୍ତାନ କରୁଥିବା ଷଡଯନ୍ତ୍ରର ପର୍ଦ୍ଦାଫାସ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ପାକିସ୍ତାନ ନାଁ ନେଇ ରାଜନାଥ କହିଛନ୍ତି, ପଡୋଶୀ ଦେଶରେ ସକ୍ରିୟ ଥିବା ଆତଙ୍କବାଦୀମାନେ ଜଳପଥରେ ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି। ତେଣୁ ଏହି ବିପଦକୁ ଏଡାଇ ଦିଆଯାଇ ପାରିବ ନାହିଁ। ପଡୋଶୀ ଦେଶ ଭାରତ ବିରୋଧରେ ବଡଧରଣର ଷଡଯନ୍ତ୍ର କରୁଛି। ଆତଙ୍କବାଦୀଙ୍କୁ ବ୍ୟବହାର କରି ଭାରତରେ ହିଂସା ସୃଷ୍ଟି କରିବାକୁ ପଡୋଶୀ ଦେଶ ସର୍ବଦା ଚେଷ୍ଟା କରୁଛି। କିନ୍ତୁ ଭାରତ ସରକାର ଉଭୟ ଉପକୂଳ ଓ ସାମୁଦ୍ରିକ ସୁରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଛନ୍ତି ବୋଲି ସେ କହିଛନ୍ତି। କେରଳର କୋଲ୍ଲମ ଠାରେ ଆୟୋଜିତ ମାତା ଅମୃତାନନ୍ଦମୟୀ ଦେବୀଙ୍କ ୬୬ତମ ଜନ୍ମ ବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି, ପଡୋଶୀ



ଦେଶ ସହ କଚ୍ଛରୁ କେରଳ ଯାଏ ଜଳପଥ ଲାଗି ରହିଛି। ତେଣୁ ପଡୋଶୀ ଦେଶର ଆତଙ୍କବାଦୀମାନେ ଉଭୟ ଉପକୂଳ ଓ ସାମୁଦ୍ରିକ ପଥରେ ଭାରତ ଉପରେ ଆକ୍ରମଣ କରିବାର ଆଶଙ୍କା ରହିଛି। ତେବେ ମୁଁ ପ୍ରତିରକ୍ଷା ମନ୍ତ୍ରୀ ହିସାବରେ ସମସ୍ତଙ୍କୁ ଏମିତି କହିବାକୁ ଚାହଉଁଛି ଯେ, ଆମର ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଶକ୍ତିଶାଳୀ। ଆମେ ଉପକୂଳ ଓ ସାମୁଦ୍ରିକ ସୁରକ୍ଷା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ। ପୁଲଓ୍ୱାମା ଓ ଏୟାର ଷ୍ଟ୍ରାଇକ୍ କଥା ଉଠାଇ ଶ୍ରୀ ସିଂହ କହିଛନ୍ତି, ପୁଲଓ୍ୱାମା ଘଟଣା ପରେ କ'ଣ ହେଲା, ସେକଥା ଆପଣମାନେ ଜାଣିଛନ୍ତି। ଆମ ବାୟୁସେନାର ଯବାନମାନେ ପାକିସ୍ତାନର ବାଲାକୋଟ୍‌ରେ ପ୍ରବେଶ କରି ଏୟାର ଷ୍ଟ୍ରାଇକ୍ କରିଥିଲେ। ଆମେ କାହା ବିରୋଧରେ କାର୍ଯ୍ୟ କରୁନାହୁଁ। କିନ୍ତୁ ଆମ ଦେଶ ସହ ଯିଏ ଲାଗିବ, ତା'କୁ ଆମେ ଶାନ୍ତିରେ ରହିବାକୁ ଦେବୁନାହିଁ। ଦେଶ ପାଇଁ ବଳିଦାନ ଦେଉଥିବା ଯବାନଙ୍କୁ କେବେ ଭୁଲିବା ଉଚିତ ନୁହେଁ। ଯବାନଙ୍କ ମଧ୍ୟ ପରିବାର ରହିଛି। ତେଣୁ ସେମାନଙ୍କୁ ସମ୍ମାନ ଦେବା ଦରକାର।

# ନଗଦ ଅର୍ଥର ଅଭାବ ନାହିଁ: ସୀତାରମଣ

**ନୂଆଦିଲ୍ଲୀ:** ଖାଉଟିସ୍ତରରେ ପର୍ଯ୍ୟାପ୍ତ ଋଣ ଯୋଗାଣ ପାଇଁ ପୂର୍ବରୁ ଯେଉଁ ସମସ୍ୟା ରହିଥିଲା, ତାହା ଏବେ ନାହିଁ। ବ୍ୟାଙ୍କ ଏବଂ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କ ନିକଟରେ ଏବେ ନଗଦ ଅର୍ଥର ଅଭାବ ନଥିବାରୁ ଋଣ ଯୋଗାଣ କ୍ଷେତ୍ରରେ କୌଣସି ସମସ୍ୟା ରହିବ ନାହିଁ। ଆଗାମୀ ପାର୍ବଣ ଋତୁ ଠାରୁ ରିଟେଲ୍ ଋଣ କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ଘଟିବା ସହ ଆର୍ଥିକ ଅଭିବୃଦ୍ଧି ପ୍ରକ୍ରିୟାରେ ମଧ୍ୟ ପରୋକ୍ଷରେ ପରିବର୍ତ୍ତନ ଦେଖାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ବ୍ୟାଙ୍କମାନଙ୍କ ନିଗଦ ଅର୍ଥ ବ୍ୟବସ୍ଥା ଏବଂ ଋଣ ଯୋଗାଣ ବ୍ୟବସ୍ଥାକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବିଭିନ୍ନ ଘରୋଇ ବ୍ୟାଙ୍କ ମୁଖ୍ୟମାନଙ୍କ ସମେତ ବହୁ ଅର୍ଥ ଲାଗାଣକାରୀ ସଂସ୍ଥା ମୁଖ୍ୟମାନଙ୍କ ଆଲୋଚନା କରିବା ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ଅର୍ଥନୀତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିଳ୍ପ, ରପ୍ତାନି, ବ୍ୟାଙ୍କିଙ୍ଗ



ଏବଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ ବିଭିନ୍ନ ପ୍ୟାକେଜ୍ ଘୋଷଣା କରାଯାଇସାରିଥିବା ବେଳେ ଏହାର ସୁପ୍ରଭାବ ଆଗାମୀ ଦିନରେ ସୃଷ୍ଟି ହେବାକୁ ଯାଉଛି ବୋଲି ସେ କହିଛନ୍ତି। ବିଶେଷକରି ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଖାଉଟିସ୍ତରରେ ସର୍ବାଧିକ ଚାହିଦା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଦେଶର ଆର୍ଥିକ ଅଭିବୃଦ୍ଧି ମଧ୍ୟ ତଦନୁଯାୟୀ ବର୍ଦ୍ଧିତ ହେବ। ସେବା କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣର ନିବେଶର ଆବଶ୍ୟକତା ରହିଥିବା ବେଳେ ବର୍ତ୍ତମାନ ତାହା ପୂରଣ ହେବାକୁ ଯାଉଥିବାରୁ ଏକ୍ଷେତ୍ରରେ ମଧ୍ୟ ଆଖିଦୃଶିଆ ପରିବର୍ତ୍ତନ ଘଟିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ମାଇକ୍ରୋଫାଇନାନ୍ସ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲା ବେଳେ ସାଧାରଣରେ ଋଣ ଯୋଗାଣ ପାଇଁ ସର୍ବାଧିକ ଚାହିଦା ରହିଛି ଏବଂ ସେହି ଅନୁସାରେ ଋଣ ଯୋଗାଣ ପ୍ରକ୍ରିୟା ଚାଲୁ ରହିଛି ବୋଲି ସେମାନେ ଅର୍ଥମନ୍ତ୍ରୀଙ୍କୁ କହିଥିଲେ। ଏହା ଦେଶ ପାଇଁ ଏକ ଶୁଭ ସୂଚନା ଏବଂ ଏହାଦ୍ୱାରା ସାଧାରଣରେ ଚାହିଦା ଓ ଉପଯୋଗ କ୍ଷେତ୍ରର ଅଭିବୃଦ୍ଧି ହେଉଥିବା ନିର୍ମଳା ସୀତାରମଣ କହିଛନ୍ତି।

# ଉତ୍ତମ ସେବା ଯୋଗାଇଦେବା ଡାକ୍ତରଙ୍କ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ଜନସାଧାରଣ ହେଉଛନ୍ତି ଡାକ୍ତରଖାନାର ପ୍ରକୃତ ମାଲିକ, ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଡାକ୍ତରଙ୍କ ଦାୟିତ୍ୱ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ରାଜ୍ୟର ସବୁ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅନ୍ୟ ଡାକ୍ତରମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରି ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟ ହେଉଛି ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ୨୦୦୦ ମସିହାରେ ରାଜ୍ୟର ସ୍ୱାସ୍ଥ୍ୟ ବଜେଟ ୫୧୪ କୋଟି ଥିବା ବେଳେ ଏବେ ଏହା ୭୦୦୦ କୋଟିରେ ପହଞ୍ଚିଲାଣି। ତିନୋଟି ସରକାରୀ ମେଡିକାଲ କଲେଜରୁ ଏବେ ୭ଟି ମେଡିକାଲ କଲେଜ ହେଲାଣି ଏବଂ ଖୁବ୍‌ଶୀଘ୍ର ୧୨ଟି ମେଡିକାଲ କଲେଜ ପ୍ରତିଷ୍ଠା ହେବାକୁ ଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରର ସମ୍ପୂର୍ଣ୍ଣ ଭିତ୍ତିଭୂମି, ବଜେଟ, ମେଡିକାଲ କଲେଜ ଏବଂ ସବୁ ଚିକିତ୍ସାଳୟ ଲୋକଙ୍କ ଟଙ୍କାରେ ଚାଲୁଛି। ତେଣୁ ଲୋକମାନେ ହେଉଛନ୍ତି ଏସବୁର ପ୍ରକୃତ ମାଲିକ। ସେମାନଙ୍କୁ ସମ୍ମାନର ସହିତ ଚିକିତ୍ସା, ଔଷଧ ପ୍ରଦାନ, ରୋଗ ପରୀକ୍ଷା ଆଦି ସବୁ ସେବା ମାଗଣାରେ ଯୋଗାଇଦେବା ହେଉଛି ଆମର କର୍ତ୍ତବ୍ୟ। ଡାକ୍ତରଖାନାରେ ରୋଗୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱାରୋପ କରିଥିଲେ। କେତେକ ଜାଗାରେ ବିଶେଷକରି ବ୍ଲଡ୍ ବ୍ୟାଙ୍କ, ଆମ୍ବୁଲାନ୍ସ ଏବଂ ଡାୟାଲିସିସ ଆଦି କ୍ଷେତ୍ରରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ରୋଗୀଙ୍କୁ ଏହି ସୁବିଧା ଉପଲବ୍ଧ କରିବା ଦିଗରେ ବାଧା ସୃଷ୍ଟି କରୁଥିବା ଦଲାଲମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏ ଦିଗରେ ଏସ୍‌ପିମାନେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ୨୦୦୧ ମସିହାରେ କାଶୀପୁରରେ ଆମ୍ବ ଟାକୁଆ ଖାଇ କିଛି ଲୋକ ଅସୁସ୍ଥ ହୋଇଥିବା ଘଟଣା ସମ୍ପର୍କରେ ଅବତାରଣା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସମୟରେ ସେଠାକୁ ତାଙ୍କର ଗସ୍ତ ଅବସରରେ ସେଠାକାର ସ୍ଥାନୀୟ ଡାକ୍ତରଙ୍କ ସେବା ମନୋଭାବ ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା। ସମ୍ପୃକ୍ତ ଡାକ୍ତରଙ୍କ ଉପରେ ଜନସାଧାରଣଙ୍କର ପ୍ରଚଣ୍ଡ ଭରସା ଥିଲା। କାଶୀପୁର ଘଟଣା ପରେ ସେଠାକୁ ପଠାଯାଇଥିବା ୪ଜଣ ଉମିଦବାର ଆଇଏଏସ୍ ଅଫିସରଙ୍କୁ ମଧ୍ୟ ସମ୍ପୃକ୍ତ ଡାକ୍ତର ବହୁତ ସାହାଯ୍ୟ ଯୋଗାଇ ଦେଇଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁତ ଭଲ ଡାକ୍ତର ଅଛନ୍ତି। ତେଣୁ ଯେଉଁ ଡାକ୍ତରମାନେ ଭଲ କାମ କରିବେ, ତାଙ୍କ କାର୍ଯ୍ୟର ସ୍ୱୀକୃତି ସ୍ୱରୂପ ତାଙ୍କୁ ଆଗୁଆ ପଦୋନ୍ନତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଅନ୍ୟଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଗାନ୍ଧି ଜୟନ୍ତୀରୁ ଆରମ୍ଭ ହେଉଥିବା ମୋ ସରକାର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଡାକ୍ତରଖାନା ଯାଉଥିବା ରୋଗୀମାନଙ୍କୁ ଟେଲିଫୋନ କରି ଡାକ୍ତରଖାନାରେ ସେମାନେ ପାଉଥିବା ଚିକିତ୍ସା ସୁବିଧା ସମ୍ପର୍କରେ ପଚାରି ବୁଝିବେ ବୋଲି ପ୍ରକାଶ କରିଥିଲେ। ରାଜ୍ୟବାସୀଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ଦିଗରେ ମୁଖ୍ୟମନ୍ତ୍ରୀଙ୍କର ମହତ୍ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସୂଚନା ଦେଇଥିଲେ। ଡାକ୍ତରମାନଙ୍କ ପଦୋନ୍ନତି କ୍ଷେତ୍ରରେ ମୋ ସରକାରର ସଫଳତା ଦିଗରେ ତାଙ୍କର ଅବଦାନକୁ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଥିଲେ। ମୋ ସରକାର କାର୍ଯ୍ୟକ୍ରମରେ ଡାକ୍ତରମାନଙ୍କର ଭୂମିକା ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭିକେ ପାଣ୍ଡିଆନ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କର 'ସ୍ୱାସ୍ଥ୍ୟ ଓଡ଼ିଶା ସୁଖୀ ଓଡ଼ିଶା' ଥିବା ଭିଜନକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଅତ୍ୟନ୍ତ ଜରୁରୀ। ଡାକ୍ତରଖାନା ଗୁଡିକୁ ବିଶେଷକରି ବ୍ଲଡ୍ ବ୍ୟାଙ୍କ, ଆମ୍ବୁଲାନ୍ସ ଏବଂ ଡାୟାଲିସିସ ଆଦି କ୍ଷେତ୍ର ଗୁଡିକୁ ୧୫ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ଦଲାଲମୁକ୍ତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର୍ ବାଲକ୍ରିଷ୍ଣନ, ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## ଓଡ଼ିଶାର କୃଷି ଉତ୍ପାଦନ କ୍ଲଷ୍ଟରକୁ ସ୍କଚ୍ ଗଭର୍ଣ୍ଣାନ୍ସ ସ୍ୱର୍ଣ୍ଣ ପଦକ ପୁରସ୍କାର

**ଭୁବନେଶ୍ୱର:** ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧିନରେ ହେଉଥିବା କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ ଓ ଏହାର କାର୍ଯ୍ୟକାରିତାରେ ଉତ୍କର୍ଷ ନିମନ୍ତେ ୨୦୧୯ ବର୍ଷ ପାଇଁ ସ୍କଚ୍ ସ୍ୱର୍ଣ୍ଣ ପଦକ ପାଇଛି । ଓଡ଼ିଶା କୃଷି ଉତ୍ପାଦନ କ୍ଲଷ୍ଟରକୁ ଏହାର ଅଭିନବ ପରିକଳ୍ପନା ଯୋଗୁଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ମଭଲଙ୍କର ହଲ୍‌ଠାରେ ୬୧ତମ ସ୍କଚ୍ ଆୱାର୍ଡ଼ ସମାରୋହରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥର ପୁରସ୍କାର ଉତମ ପ୍ରଶାସନ ନିମନ୍ତେ ପ୍ରଦାନ କରାଯାଇଥିଲା । ଓଡ଼ିଶାର ଜନଜାତି ଅଧ୍ୟୁଷିତ ଅଂଚଳରେ କୃଷି ଉତ୍ପାଦନ କ୍ଲଷ୍ଟରର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏହି ସମ୍ମାନଜନକ ପୁରସ୍କାର ପାଇଁ ବିବେଚିତ ହୋଇଥିଲା। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଡ. ରମେଶ ପୋଖରିୟାଲ ନିଶଙ୍କଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୮ ମସିହା ନଭେମ୍ବର ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଫଳ ନେତୃତ୍ୱ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ଫଳରେ ଓଡ଼ିଶା ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବାରେ ସଫଳ ହୋଇଛି । ଜନଜାତି ବହୁଳ ଅଂଚଳ ଗୁଡ଼ିକରେ ଚାଷୀ ତଥା ମହିଳା ମାନଙ୍କ ଆୟ ବୃଦ୍ଧି ଓ ଜୀବିକା ନିର୍ବାହ ନିମନ୍ତେ ଓଡ଼ିଶାର ୧୨ଟି ଜନଜାତିବହୁଳ ଜିଲ୍ଲାର ୪୦ଟି ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଓ ମହିଳା ଚାଷୀ ଉପକୃତ ହେବେ । ଏହି ପ୍ରକଳ୍ପର ଅବଧି ୪ ବର୍ଷ ରହିଛି । ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଭାରତ ରୁରାଲ ଲାଇଭଲିହୁଡ଼ ଫାଉଣ୍ଡେସନ ଏକ ପ୍ରଦାନ ସଂସ୍ଥା ଏବଂ ୧୭ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭାଗୀଦାରୀରେ ଏହା କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡ଼ିଶା ଲାଇଭିଲିହୁଡ଼୍ ମିଶନ, ଓଡ଼ିଶା ଲିଫ୍ଟ ଇରିଗେସନ କର୍ପୋରେସନ, ଓଡ଼ିଶା ଆର୍ଗୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ, ଆପିକଲ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ସାମିଲ କରାଯାଇ କୃଷକମାନଙ୍କ ଜୀବିକା ନିର୍ବାହ ନିମନ୍ତେ ଭିତିଭୂମିର ବିକାଶ କରାଯାଇଛି । ଏଥି ସହିତ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଜଳ, ବିହନ, ସାର, କୃଷି ଯନ୍ତ୍ରପାତି ଇତ୍ୟାଦି ସାମୂହିକ ଭାବେ କ୍ଲଷ୍ଟର ଅନ୍ତର୍ଭୁକ୍ତ ଚାଷୀଙ୍କ ନିକଟରେ ସହଜରେ ପହଂଚିଥିବା ଯୋଗୁଁ ଉତ୍ପାଦନ ବୃଦ୍ଧି ପାଉଛି । ସର୍ବୋପରି କ୍ଲଷ୍ଟର ମାଧ୍ୟମରେ ଉତ୍ପାଦିତ ଦ୍ରବ୍ୟର ସୁବିଧାରେ ଓ ଉଚିତ ମୂଲ୍ୟରେ ବିକ୍ରି ହୋଇପାରୁଥିବା ପରିପ୍ରେକ୍ଷୀରେ ଚାଷୀମାନଙ୍କର ଆୟରେ ବୃଦ୍ଧି ଘଟିଛି ।

## ଝାରସୁଗୁଡ଼ାଠାରେ ପ୍ରତିଷ୍ଠା ହେବ ସିକିଲ୍ ସେଲ୍ ଗବେଷଣା କେନ୍ଦ୍ର

**ଭୁବନେଶ୍ୱର:** ମହାନଦୀ କୋଲ୍ ଫିଲଡ୍ ଭଳି ମହାରତ୍ନ କମ୍ପାନୀ ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ ହେଉଥିବା ପାଣ୍ଠି ଉପରେ ଆଲୋଚନା ବୈଠକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପସ୍ଥିତ ରହି ମହାନଦୀ କୋଲଡ୍ ଫିଲଡ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବି.ଏନ୍. ଶୁକ୍ଲା ଏ ସଂପର୍କରେ ବିଶଦ ତଥ୍ୟ ପ୍ରଦାନ କରିଥିଲେ । ତା'ମଧ୍ୟରୁ ମୁଖ୍ୟତଃ ତାଳଚେରଠାରେ ୪୯୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ମେଡିକାଲ୍ କଲେଜର ନିର୍ମାଣ କାର୍ଯ୍ୟ ସରିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଏହାର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବେ। ସେହିପରି ଝାରସୁଗୁଡ଼ାଠାରେ କମ୍ପାନୀ ପକ୍ଷରୁ ୭୫ କୋଟି ଟଙ୍କା ବିନିଯୋଗରେ ନିର୍ମିତ ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କାର୍ଡିଆକ୍ କେୟାର ସେଂଟର, ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୨.୮୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୦୦ ଶଯ୍ୟାବିଶିଷ୍ଟ ୱାର୍ଡ ଓ ଆଇସିୟୁ, ବୁର୍ଲାଠାରେ ୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଗର୍ଭବତୀ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ କମ୍ପ୍ଲେକ୍ସ ଓ ଆଲିମ୍‌କୋ ସଂସ୍ଥା ଦ୍ୱାରା ଦିବ୍ୟାଙ୍ଗମାନଙ୍କୁ ୫ କୋଟି ଟଙ୍କାର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ କରାଯାଇଛି । ସେହିପରି ଝାରସୁଗୁଡ଼ା ଜିଲ୍ଲାର ଲଖନପୁରଠାରେ ୫୦ ଶଯ୍ୟାବିଶିଷ୍ଟ ହସ୍‌ପିଟାଲ୍ ନିର୍ମାଣ ଶେଷ ହେବା ପରେ ଏଠାରେ ରୋଗୀସେବା ଆରମ୍ଭ ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପାଇଁ ବହୁତଗୁଡ଼ିଏ ଯୋଜନା ହାତକୁ ନିଆଯାଇଛି ବୋଲି ଶ୍ରୀ ଶୁକ୍ଲା ପ୍ରକାଶ କରିଥିଲେ । ଏହି ଅବସରରେ ତାଳଚେର ମେଡିକାଲ୍ କଲେଜ୍ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ବିଶଦ ଆଲୋଚନା ହେବା ସହ ଝାରସୁଗୁଡ଼ାଠାରେ ସିକିଲ୍‌ସେଲ୍ ରିସର୍ଚ୍ଚ ସେଂଟର ଓ ଟ୍ରମା କେୟାର କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା ।

## ୫-ଟି ଆଧାରରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କର: ରଘୁନନ୍ଦନ

**ଭୁବନେଶ୍ୱର:** ଉପଖଣ୍ଡ, ଜିଲ୍ଲା ଓ ରାଜ୍ୟସ୍ତରରେ କାର୍ଯ୍ୟ କରୁଥିବା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ସୂଚନା ଅଧିକାରୀ ବା ତତ୍ତୁଲ୍ୟ ଅଧିକାରୀମାନେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକମାନଙ୍କ ପାଖରେ ପହଁଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଅଧୁନା ବୈଷୟିକ ବିଜ୍ଞାନର ପ୍ରୟୋଗ ବଢିଛି। ରାଜ୍ୟ ସୂଚନା ଓ ଲୋକ ସଂମ୍ପର୍କ ବିଭାଗକୁ ଅଧିକ ପରିପୁଷ୍ଟ ଓ କ୍ରିୟାଶୀଳ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ପ୍ରତି ଜନସାଧାରଣଙ୍କ ଥିବା ଆଶା ଓ ଭରସାକୁ ପୂରଣ କରିବା ଦିଗରେ ସୂଚନା ଓ ଲୋକ ସଂପର୍କ ଅଧିକାରୀମାନେ ଅଧିକ ନିଷ୍ଠା , ପ୍ରତିବଦ୍ଧତାର ସହ କାର୍ଯ୍ୟ ସଂପାଦନ କରିବାକୁ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ଦାସ ସମ୍ମିଳନୀରେ ଯୋଗଦେଇଥିବା ସମସ୍ତ ଅଧିକାରୀମାନଙ୍କୁ ବିଭାଗରେ ଥିବା ବିଭିନ୍ନ ପୁରୁଣା ଫଟୋ, ଚଳଚିତ୍ର ଓ ପ୍ରାମାଣିକ ଚଳଚିତ୍ର ଆଦିର ଡିଜିଟାଲ ସଂରକ୍ଷଣ ପାଇଁ ଆବଶ୍ୟକ ସହଯୋଗ କରିବା, ଇ-ପାଠାଗାର ସ୍ଥାପନ ଓ ପରିଚାଳନା ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାବଳୀ ସଂପର୍କରେ ଅବଗତ ହେବା ସହିତ ୫-ଟି ଆଧାରରେ ତ୍ୱରିତ କାର୍ଯ୍ୟ ନିର୍ବାହ କଲେ ବିଭାଗୀୟ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆସିବ ବୋଲି ଆଶା ବ୍ୟକ୍ତ କରି ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି। ସମ୍ମିଳନୀରେ ଯୋଗଦେଇ ବିଭାଗୀୟ କମିଶନର ସଂଜୟ କୁମାର ସିଂହ କହିଲେ ଯେ, ଅଧୁନା ସୂଚନା ଓ ସମ୍ବାଦ ସରବରାହ କ୍ଷେତ୍ରରେ ଗଣମାଧ୍ୟମରେ ବୈପ୍ଲବିକ ପରିବର୍ତ୍ତନ ଆସିଛି। ମିଡିଆର ବହୁଳ ବ୍ୟବହାର ବଢିଛି । ଲୋକଙ୍କ ଆଶା, ଆକାଙ୍‌କ୍ଷା ଓ ଦାବୀକୁ ଶୀଘ୍ର ପୂରଣ କରିବା ଦିଗରେ ସୂଚନା ଓ ଲୋକ ସଂପର୍କ ବିଭାଗର ଅଧିକାରୀମାନେ ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରି ବିଭାଗୀୟ କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବାକୁ ଶ୍ରୀ ସିଂହ କହିଥିଲେ। ରାଜ୍ୟ ସରକାର ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ନେଇ କଟକଣା ଜାରି କରିଥିବା ବେଳେ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହେଉଥିବା ସମସ୍ତ ସଭା, ସମିତିରେ ପ୍ଲାଷ୍ଟିକ୍ ନିର୍ମିତ ଗ୍ଲାସ, ପାଣି ବୋତଲ ଆଦି ବ୍ୟବହାର ନ କରାଯାଇ ପ୍ରତି ବଦଳରେ ଅନ୍ୟ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହିତ ଏ ଦିଗରେ ଜିଲ୍ଲାପାଳମାନଙ୍କ ସହଯୋଗ ନେବାକୁ କହିଥିଲେ।

# ଧାନ ସଂଗ୍ରହରେ ସାମିଲ ହେବେ ସ୍ୱଂୟ ସହାୟକ ଗୋଷ୍ଠୀ

**ଭୁବନେଶ୍ୱର:** ରାଜ୍ୟରେ ଧାନ ଓ ଚାଉଳ ସଂଗ୍ରହ ପକ୍ରିୟାର ସୁପରିଚାଳନା ପାଇଁ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୧୯-୨୦କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ ସୂଚନା ଦେଇଥିଲେ। ଅନୁମୋଦିତ ଖାଦ୍ୟ ଓ ସଂଗ୍ରହଣ ନୀତି ଅନୁଯାୟୀ ଚଳିତ ଖରିଫ ଋତୁରେ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ ଯାହାକି ୪୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆକାରରେ ସଂଗ୍ରହ ହେବ। ଖରିଫ ଓ ରବି ଋତୁରେ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ ୫୦ ଲକ୍ଷ ଓ ୧୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଅଧିକ ଧାନ ଯଦି ପଂଜୀକୃତ ଚାଷୀଙ୍କ ଠାରୁ ମଣ୍ଡିକୁ ଆସିବ ତାହାକୁ ସରକାର କ୍ରୟ କରିବେ। ଆବଶ୍ୟକ ହେଲେ ବିଭାଗୀୟ ମନ୍ତ୍ରୀ ଏହି ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି କରିପାରିବେ। ଏକ ପ୍ରଶ୍ନର ଉତର ଦେଇ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ୨୦୧୮-୧୯ ବର୍ଷରେ ଉଭୟ ଖରିଫ ଓ ରବି ଋତୁରେ ୬୫ ଲକ୍ଷ ୪୯ ହଜାର ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଥଇଲା। ଚାଉଳ ହିସାବରେ ଏହା ୪୪.୪୨ ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିଲା। ଉକ୍ତ ବର୍ଷରେ ଖରିଫ୍ ଧାନ ସଂଗ୍ରହ ପାଇଁ ସର୍ବୋଚ୍ଚ ସମୟ ସୀମା ଅପ୍ରେଲ ଶେଷ ପର୍ଯ୍ୟନ୍ତ ଥିଲା। ଚଳିତ ଖରିଫ ବର୍ଷ ଧାନ ନଭେମ୍ବର ୨୦୧୯ରୁ ମାର୍ଚ୍ଚ ୨୦୨୦ ମଧ୍ୟରେ ସଂଗ୍ରହ କରାଯିବ। ରବି ଧାନ ମଇ ରୁ ଜୁନ୍ ୨୦୨୦ ମଧ୍ୟରେ ସଂଗ୍ରହ କରାଯିବ। ଏହି ବିସ୍ତାରିତ ସମୟ ସୀମା ମଧ୍ୟରେ ଜିଲ୍ଲାମାନେ ଧାନ ସଂଗ୍ରହର ଅବଧି ନିର୍ଣ୍ଣୟ କରିବେ। ସେ ଆହୁରି କହିଥିଲେ ଯେ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଧାନ ଓ ଗ୍ରେଡ୍ ଏ ଧାନ ପାଇଁ କ୍ୱିଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୮୧୫ ଟଙ୍କା ୧୮୩୫ ଟଙ୍କା ହାରରେ ଚାଷୀମାନଙ୍କୁ ପ୍ରଦାନ କରାଯିବ। ଧାନ ସଂଗ୍ରହ କ୍ଷେତ୍ରରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ମାନଙ୍କୁ ଅଧିକ ସଂଖ୍ୟାରେ ନିୟୋଜିତ କରାଯିବ। ଧାନ ବିକ୍ରି ବାବଦ ପ୍ରାପ୍ୟ ତାଙ୍କ ବ୍ୟାଙ୍କ୍ ଖାତାକୁ ଅନଲାଇନ୍ ରେ ସିଧାସଳଖ ପ୍ରେରଣ କରାଯିବ। ଧାନ ବିକ୍ରି ର ୭୨ ଘଂଟା ପରିବର୍ତ୍ତେ ୨୪ ରୁ ୪୮ ଘଂଟା ମଧ୍ୟରେ ସମାପନ କରାଯିବ। ଯଦି କୌଣସି ମିଲର ଦେୟ ବକେୟା ରଖିଛନ୍ତି ତାଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଦିଆଯିବ ନାହିଁ। ଏହି ସଂଗ୍ରହ କାର୍ଯ୍ୟ ଓଡିଶା ଯୋଗାଣ ନିଗମ ଓ ଅନ୍ୟ ଧାନ ସଂଗ୍ରହକାରୀ ସଂସ୍ଥା ,ପ୍ୟାକସ୍ , ଲାମ୍ପସ୍ , ପାଣି ପଂଚାୟତ ମାଧ୍ୟମରେ କରାଯିବ। କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ଅନୁଯାୟୀ ଚାଷୀମାନେ ଏଫଏକ୍ୟୁ ମାନର ଧାନ ଆଣିବେ। ଏଫଏକ୍ୟୁ ମାନ ସହାୟକ ଦର ଠାରୁ କମ୍‌ରେ ବିକ୍ରି କଲେ ଇସିଏ ୧୯୫୫ ଅନୁସାର ଦଣ୍ଡ ବିଧାନ କରାଯିବ। ଯୋଗାଣ ନିଗମ ସମସ୍ତ ଜିଲ୍ଲାରେ ଧାନ ସଂଗ୍ରହ କରିବେ। ଆବଶ୍ୟକ ପଡିଲେ ଅନ୍ୟ ସଂଗ୍ରହକାରୀ ସଂସ୍ଥା ମାନଙ୍କୁ ଚାଉଳ ବଳକା ଜିଲ୍ଲା ମାନଙ୍କରେ ନିୟୋଜିତ କରାଯିବ। ଶ୍ରୀ ତ୍ରିପାଠୀ ଆହୁରି କହିଥିଲେ ଯେ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବିତରଣ ପାଇଁ ୨୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ। ବଳକା ଚାଉଳ ଏଫସିଆଇ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ପ୍ରଦାନ କରାଯିବ। ରାଜ୍ୟ ସମସ୍ତ ୩୧୦ଟି ଧାନ ସଂଗ୍ରହକାରୀ ବ୍ଲକ୍ ରେ ସଂଗ୍ରହ ପ୍ରକ୍ରିୟା ପି ପାସ୍ ମାଧ୍ୟମରେ ପରିଚାଳିତ ହେବ। ୪ଟି ବ୍ଲକ୍ ରେ ବିକ୍ରି ଯୋଗ୍ୟ ବଳକା ଧାନ ନଥିବାରୁ ସଂଗ୍ରହ ପ୍ରକ୍ରିୟା ହେଉନାହିଁ ବୋଲି ସେ କହିଛନ୍ତି।

## ସ୍ୱଚ୍ଛ ବିଦ୍ୟାଳୟକୁ ସମ୍ମାନିତ କରାଯିବ: ମନ୍ତ୍ରୀ

**ଭୁବନେଶ୍ୱର:** ଓଡ଼ିଶା ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର-୨୦୧୯ ଅଭିଯାନର ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦାନ କରି କହିଲେ ଯେ, ବିଦ୍ୟାଳୟ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟ ସରକାର ବିଦ୍ୟାଳୟକୁ ପୁରସ୍କାର ପ୍ରଦାନ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନରେ ଯେଉଁ ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବେ ସେହି ବିଦ୍ୟାଳୟକୁ ସମ୍ମାନିତ କରିବା ଏହି ପୁରସ୍କାରର ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ, ୟୁନିସେଫ ଓଡ଼ିଶା ମୁଖ୍ୟ ମୋନିକା ଓ ନିଲେସନ୍, ସ୍ୱଚ୍ଛ ବିଶେଷଜ୍ଞ ଆଇ.ସି.ଓ. ପ୍ରତିଭା ସିଂ ପ୍ରମୁଖ ଉକ୍ତ ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନରେ ଉପସ୍ଥିତ ରହି ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଏବଂ ବିଦ୍ୟାଳୟର ପିଲାମାନଙ୍କୁ ପରିମଳ ସୁବିଧା ଯୋଗାଇ ଦେବା ସହିତ ବିଦ୍ୟାଳୟକୁ ଉତ୍ସାହିତ କରିବା, ଗୋଟିଏ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟମାନଙ୍କୁ ଯେପରି ପ୍ରୋତ୍ସାହିତ କରି ପାରିବ ସେ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ।

# 'ଧାରା ୩୭୦ ଉଚ୍ଛେଦ ଏକ ଐତିହାସିକ ଭୁଲର ସଂଶୋଧନ'

**ଖୋରଧା :** ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପରେ ଭାରତୀୟ ଜନତା ପାର୍ଟି ତରଫରୁ ସାରା ଦେଶରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ଏକତା ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଭାରତ ମାତା ଏବଂ ଧାରା ୩୭୦ ବିରୁଦ୍ଧରେ ସର୍ବପ୍ରଥମେ ଆନ୍ଦୋଳନ ଡ଼ାକରା ଦେଇ ଆତ୍ମ ବଳିଦାନ ଦେଇଥିବା ଜନସଂଘର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜି ଏବଂ ଅନ୍ୟତମ ପ୍ରତିଷ୍ଠାତା ସଭାପତି ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟେୟଙ୍କ ଜନ୍ମ ଜୟନ୍ତୀ ଅବସରରେ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଖୋରଧା ଅଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ବୁଦ୍ଧିଜୀବି ସମ୍ମିଳନୀ ଓ ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତାଭାବରେ ଯୋଗ ଦେଇ ପୂର୍ବତନ ଲୋକସଭା ସାଂସଦ ମହାମେଘ ବାହାନ ଐରଖାରବେଳ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜାମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଏକ ଐତିହାସିକ ଭୁଲର ସଂଶୋଧନ। ଧାରା ୩୭୦ ଏବଂ ୩୫ (ଏ) ଜାମ୍ମୁକାଶ୍ମୀରକୁ ବିଚ୍ଛିନ୍ନତା ବାଦ ଆତଙ୍କବାଦ ପରିବାରବାଦ ଏବଂ ବ୍ୟବସ୍ଥାରେ ବ୍ୟାପକ ପରିମାଣରେ ବ୍ୟାପିଥିବା ଭ୍ରଷ୍ଟାଚାର ବ୍ୟତୀତ କିଛି ଦେଇ ନାହିଁ। ଏହି ଦୁଇଟି ଅନୁଚ୍ଛେଦକୁ ଦେଶ ବିରୋଧରେ କିଛି ଲୋକଙ୍କ ଭାବନାକୁ ଉତେଜିତ କରିବା ଲାଗି ପାକିସ୍ଥାନ ପକ୍ଷରୁ ଏକ ଅସ୍ତ୍ର ଭାବରେ ଉପଯୋଗ କରାଯାଇଥିଲା। ଏହି କାରଣରୁ ତିନି ଦଶନ୍ଧି ମଧ୍ୟରେ ପାଖା ପାଖି ୪୨ ହଜାର ନିର୍ଦ୍ଦୋଶ ବ୍ୟକ୍ତି ଓ ବୀର ଜବାନଙ୍କୁ ଜୀବନ ହରାଇବାକୁ ପଡ଼ିଛି। ଏପରିକି ଏକ ବ୍ୟବସ୍ଥା ଯାହାର କାରଣରୁ ଜାମ୍ମୁକାଶ୍ମୀର ଓ ଲଦାଖର ଜନସାଧାରଣ ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇଥିଲେ। ଯାହା ସେମାନଙ୍କର ବିକାଶରେ ବଡ଼ ବାଧକ ଥିଲା। ତାହା ଏବେ ଦୂର ହୋଇ ପାରିଛି। ୩୭୦ ଧାରା ପ୍ରତ୍ୟାହାର ହେବା ଦ୍ୱାରା ଜାମ୍ମୁକାଶ୍ମୀର ଭାରତର ଅବିଚ୍ଛେଦ ଅଙ୍ଗ ଭାବରେ ପରିଗଣିତ ହୋଇଛି। ଏହି ଐତିହାସିକ ଭୁଲକୁ ସୁଧାରିଥିବା କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହା ଧନ୍ୟବାଦର ପାତ୍ର ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ସେ ଯେଉଁ ସ୍ୱପ୍ନ ସର୍ଦ୍ଦାରବଲ୍ଲଭ ଭାଇ ପଟେଲଙ୍କର, ବାବା ସାହେବ ଆମ୍ବେଦକରଙ୍କର, ଡ଼କ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ଅଟଳବିହାରୀ ବାଜପେୟୀ ଏବଂ କୋଟି କୋଟି ଦେଶ ଭକ୍ତଙ୍କର ଥିଲା ତାହା ଏବେ



କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କର ସରକାର ପୂରଣ କରିଛନ୍ତି। ୧୯୪୭ ଅକ୍ଟୋବରରେ ଭାରତ ସହିତ ଜାମ୍ମୁକାଶ୍ମୀର ମିଶ୍ରଣ ହୋଇଥିଲା। ୧୯୫୨ ମସିହାରେ ଅବୈଧ ଭାବରେ ସଂସଦର ବିନା ଅନୁମୋଦନରେ ୩୭୦କୁ ଜାମ୍ମୁକାଶ୍ମୀରରେ ଲାଗୁ କରାଯାଇଥିଲା ଓ ଏହାର ଦୁଇ ବର୍ଷ ପରେ ଧାରା ୩୫(ଏ)କୁ ସେହିପରି ସମାନ ଭାବରେ ଗଳା ବାଟରେ ଲାଗୁ କରାଯାଇଥିଲା। ଜାମ୍ମୁକାଶ୍ମୀରରେ ଗରିବି ପାଇଁ ଧାରା ୩୭୦ ଦାୟୀ। ଧାରା ୩୭୦ ପାଇଁ ସେଠାରେ ଭ୍ରଷ୍ଟାଚାର ବଢିଛି। ବିକାଶ ବାଧା ପ୍ରାପ୍ତହୋଇଛି। ଯୁବବର୍ଗଙ୍କୁ ପଥଭ୍ରଷ୍ଟ କରିଛି। ୩୭୦ ମହିଳା ଦଳିତ ଓ ଆଦିବାସୀ ବିରୋଧି ମୋଦି ସରକାର ଜାମ୍ମୁକାଶ୍ମୀରକୁ ପାଞ୍ଚ ବର୍ଷରେ ସମୁଦାୟ ୨ ଲକ୍ଷ ୭୭ ହଜାର କୋଟି ଟଙ୍କା ଦେଇଛନ୍ତି। କିନ୍ତୁ ବ୍ୟାପକ ଦୁର୍ନୀତି ଯୋଗୁଁ ଜାମ୍ମୁକାଶ୍ମୀର ବିକାଶ ହୋଇପାରି ନାହିଁ। ସେଠାରେ ଶିଳ୍ପ ନାହିଁ ସିମେଣ୍ଟ ବସ୍ତା ୧୦୦ ଟଙ୍କା ମହଙ୍ଗାରେ କିଣାଯାଉଛି। ହୋଟେଲ, ଶିଳ୍ପକୁ ଜମି ମିଳୁନଥିବାରୁ ପର୍ଯ୍ୟଟନର ବିକାଶ ହୋଇ ପାରୁ ନାହିଁ। ହସପିଟାଲ ପାଇଁ ଜମି ମିଳୁ ନଥିବାରୁ ହସପିଟାଲ ହୋଇପାରୁ ନଥିଲା। ଏବେ ଏହା ଦୂର ହୋଇ ପାରିଛି। କେବଳ ଆତଙ୍କବାଦୀଙ୍କ ପ୍ରୋତ୍ସାହନରେ ସହାୟକ ହୋଇଥିଲା। ଧାରା ୩୭୦ କାଶ୍ମୀରକୁ ଆତଙ୍କବାଦ କବଳରୁ ମୁକ୍ତ ପାଇଁ ଧାରା ୩୭୦ ଉଚ୍ଛେଦ ଜରୁରୀ ଥିଲା। ଏହି ନିଷ୍ପତି ଦ୍ୱାରା ଜାମ୍ମୁକାଶ୍ମୀରରେ ରକ୍ତପାତ ଯୁଗର ଅନ୍ତ ଘଟିଛି। ଦେଶ ବିଭାଜନ ପରେ ଭାରତ ଛାଡ଼ି ପାକିସ୍ଥାନ ଯାଇଥିବା ଭାରତ ଲୋକଙ୍କୁ ନ୍ୟାୟ ମିଳି ନାହିଁ। ୩୭୦ ଧାରା ପାଇଁ ଜାମ୍ମୁକାଶ୍ମୀର ପଞ୍ଚାୟତ ନିର୍ବାଚନ ହୋଇ ପାରୁ ନଥିଲା। ରାଜ୍ୟ ପାଳ ଶାସନ ହେବା ପରେ ସେଠାରେ ପଞ୍ଚାୟତ ନିର୍ବାଚନ ହୋଇଛି। ୩୭୦ କେବଳ ମାନସିକ ବୋଝ ନଥିଲା। ବରଂ ଏକ ସାମ୍ପ୍ରଦାୟିକ ଭୋଟ ବ୍ୟାଙ୍କ ରାଜନୀତିର କେନ୍ଦ୍ର ଥିଲା ବୋଲି ଶ୍ରୀ ସ୍ୱାଇଁ ତାଙ୍କର ସାର ଗର୍ଭକ ବକ୍ତବରେ କହିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଶିଷ୍ଟ ଐତିହାସିକ ପ୍ରଫେସର ଡ଼ଃ. ନାରାୟଣ ରାଓ, ବିଜେପି ରାଜ୍ୟ ସମ୍ପାଦକ ଜତିନ୍ ମହାନ୍ତି, ଜିଲ୍ଲାସଭାପତି ସୁବାଷ ଜେନା, ରାଜ୍ୟ ସଂଯୋଜିକ ଉର୍ମିଳା ମହାପାତ୍ର, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ କାଳୁଚରଣ ଖଣ୍ଡେଇତରାୟ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ଶ୍ରୀରଂଜନ ମଙ୍ଗରାଜ, ନଗର ମଣ୍ଡଳ ସଭାପତି ଗଗନ ମଲ୍ଲ, ନିକୁଞ୍ଜ ପଟ୍ଟନାୟକ, ରଶ୍ମୀ ରଂଜନ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବୁଦ୍ଧିଜୀବି ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ଶେଷରେ ଜିଲ୍ଲାସଭାପତି ସୁବାଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୦ ସେପ୍ଟେମ୍ବର - ୦୬ ଅକ୍ଟୋବର, ୨୦୧୯

# କୋଟି ହୃଦୟର ମହାନାୟକ



ତାରକ ମହାନ୍ତି

ବଲିଉଡ୍‌ର ଆଙ୍ଗ୍ରି ୟଙ୍ଗମ୍ୟାନ୍ ମହାନ ଅଭିନେତା ଅମିତାଭ ବଚ୍ଚନଙ୍କ ବିଷୟରେ ଯେତେବି ଲେଖିଲେ କମ୍ ପଡିବ। ଅର୍ଦ୍ଧଶତାବ୍ଦୀ ଧରି ଅଭିନୟ କରୁଥିବା ଏହି ମହାନାୟକଙ୍କୁ ଚଳିତ ବର୍ଷ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପାଇଁ ମନୋନୀତ କରାଯାଇଛି। ତାଙ୍କ ଭଳି ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ୧୯୦ ଚଳଚ୍ଚିତ୍ରରେ ଅଭିନୟ କରି ୧୧ ଫିଲ୍ମ ଫେୟାର ପୁରସ୍କାର, ୪ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବା ସହ ପଦ୍ମଶ୍ରୀ, ପଦ୍ମ ବିଭୂଷଣ ଭଳି ରାଷ୍ଟ୍ରୀୟ ସମ୍ମାନରେ ମଧ୍ୟ ବିଭୂଷିତ ହୋଇଛନ୍ତି। ଜଣେ ଭଏସ ନ୍ୟାରେଟରରୁ ପରଦାକୁ ଆସିଥିଲେ ଅମିତାଭ। ୧୯୬୯ ମସିହାରେ ସେ ମୃଣାଳ ସେନଙ୍କ ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ର 'ଭୁବନ ସୋମ୍'ରେ ଭଏସ ନ୍ୟାରେଟର ଭାବେ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କରିଥିଲେ। ପ୍ରଥମଥର ପାଇଁ ଅମିତାଭ ବଚନ ଖ୍ୱାଜା ଅହମ୍ମଦ ଆଜାଦଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ସାତ ହିନ୍ଦୁସ୍ତାନୀ'ରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ବଲିଉଡ୍‌ରେ ପ୍ରବେଶ ପରେ ସୁପରଷ୍ଟାର ରାଜେଶ ଖାନ୍ନାଙ୍କ ବିପକ୍ଷରେ 'ଆନନ୍ଦ' ଚଳଚ୍ଚିତ୍ରରେ ଅଭିନୟ କରି ଶ୍ରେଷ୍ଠ ପାର୍ଶ୍ୱ କଳାକାର ପୁରସ୍କାର ପାଇଥିଲେ। ପରେ ୧୯୭୧ରେ 'ପରୱାନା', 'ରେଶ୍ମା ଔର ଶେରା', 'ଗୁଡ୍ଡି' ଆଦି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପ୍ରଥମେ ଜଣେ ଅତିଥି କଳାକାର ଭାବେ ଆସି ଅଭିନୟ କରିଥିଲା ବେଳେ କିଛି ଚଳଚ୍ଚିତ୍ରରେ ସଫଳ ହୋଇଥିଲା ବେଳେ ଆଉ କେତେକ ଚଳଚ୍ଚିତ୍ରରେ ବିଫଳ ମଧ୍ୟ ହୋଇଥିଲେ। ଏହି ସଫଳତା ଓ ବିଫଳତା ମଝିରେ ସଂଘର୍ଷ କରି ପରିଶେଷରେ ସେ ବଲିଉଡ୍‌ର ସୁପରଷ୍ଟାର ଭାବେ ପରିଗଣିତ ହୋଇପାରିଥିଲେ। ସାରା ଦେଶରେ ତାଙ୍କର କୋଟି କୋଟି ପ୍ରଶଂସକ ଥିଲା ବେଳେ ବିଦେଶରେ ମଧ୍ୟ କୋଟି କୋଟି ପ୍ରଶଂସକ ରହିଛନ୍ତି। 'ସାତ ହିନ୍ଦୁସ୍ତାନୀ' ଚଳଚ୍ଚିତ୍ର ବେଳୁ ସେ ଦର୍ଶକ ତଥା ବିଶେଷଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ଅଭିନୟର ଯାଦୁରେ ଏଭଳି ଚମତ୍କାରିତା ଥିଲା ଯେ, ସମସ୍ତେ ତାଙ୍କ ସଂଳାପ ଓ ଅଭିନୟକୁ ଢେର ପ୍ରଶଂସା କରୁଥିଲେ। 'ଜଞ୍ଜିର' ଚଳଚ୍ଚିତ୍ରରେ ଇନ୍‌ସପେକ୍ଟର ବିଜୟ ଭୂମିକାରେ ଅଭିନୟ କରି ସେ ପ୍ରଥମଥର ନିଜ ପାଇଁ 'ଆଙ୍ଗ୍ରି ୟଙ୍ଗମ୍ୟାନ୍'ର ନୂଆ ଏକ ପରିଚୟ ସୃଷ୍ଟି କରି ଫିଲ୍ମ ଫେୟାର ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ୧୯୭୪ରେ ୟଶ୍ ଚୋପ୍ରାଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ଦିୱାର' ଓ ରମେଶ ସିପ୍ପିଙ୍କ 'ସୋଲେ'ରେ ଜୀବନ୍ତ ଅଭିନୟ କରି ନିଜ ପ୍ରତିଭାର ଶ୍ରେଷ୍ଠ ପ୍ରମାଣ ଦେଇପାରିଥିଲେ। ଅମର ଆକବର ଆନ୍ଥୋନୀ, ଡନ୍ ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ଫିଲ୍ମ ଫେୟାର ମନୋନୟନ ତାଲିକାରେ ସ୍ଥାନ ପାଇଥିଲେ। ହେଲେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ତାଙ୍କୁ ଦୀର୍ଘବର୍ଷ ଅପେକ୍ଷା କରିବାକୁ ପଡିଥିଲା। ତ୍ରିଶୁଳ ଓ ମୁକଦ୍ଦର କା ସିକନ୍ଦର ଭଳି ଚଳଚ୍ଚିତ୍ର ପାଇଁ ବେଶ୍ ଚର୍ଚ୍ଚିତ ଅମିତାଭ ବଚ୍ଚନ। ୧୯୯୦ରେ ଚଳଚ୍ଚିତ୍ର ଅଗ୍ନିପଥରେ ଅମିତାଭ ବିଜୟ ଦିନନାଥ ଚୌହାନ ଚରିତ୍ରରେ ଅଭିନୟ କରି ପ୍ରଥମଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏତଦ୍‌ବ୍ୟତୀତ ହମ୍, ବ୍ଲାକ ଓ ପା ଚଳଚ୍ଚିତ୍ର ପାଇଁ ତାଙ୍କୁ କ୍ରିଟିକ୍ ଚଏସ ଫିଲ୍ମ ଫେୟାର ପୁରସ୍କାର ମଧ୍ୟ ମିଳିଥିଲା। 'ସୋଲେ' ଚଳଚ୍ଚିତ୍ରରେ ବିଗ୍ ବି'ଙ୍କ ଚର୍ଚ୍ଚିତ ସଂଳାପ ଥିଲା- ମୌସୀ... ଆପ୍ ଭୀରୁକୋ ନେହି ଜାନ୍‌ତି, ବିଶ୍ୱାସ୍ କିଜିଏ... ୱ ଇସ୍ ତର୍‌ହ କା ଇନ୍‌ସାନ୍ ନେହି ହୈ। ଏକ୍ ବାର୍ ସାଦି ହୋ ଗୟି ତୋ ୱ ଉସ୍ ଗାନେୱାଲି କେ ଘର ଜାନା ବନ୍ଦ କର୍ ଦେଗା। ବାସ୍, ସରାବ ଆପ୍‌ନେ ଆପ୍ ଛୁଟ୍ ଜାଏଗି।

ଏକ କାୟସ୍ଥ ହିନ୍ଦୁ ପରିବାରରେ ଜନ୍ମିତ ଅମିତାଭ ବଚ୍ଚନଙ୍କ ବାପା ହରିବଂଶ ରାୟବଚ୍ଚନ ଜଣେ ପ୍ରଖ୍ୟାତ କବି। ତାଙ୍କ ମାତା ତେଜି ପଞ୍ଜାବୀ-ଶିଖ୍ ପରିବାରରୁ ଆସିଥିଲେ। ହରିବଂଶ ରାୟବଚ୍ଚନ ଅମିତାଭଙ୍କ ନାମ ରଖିଥିଲେ ଇନ୍‌କିଲାବ। କାରଣ ତାଙ୍କ ମା' ଜଣେ ସମାଜସେବିକା ଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ଅନୁପ୍ରାଣିତ ରହିଥିବାରୁ ଅମିତାଭଙ୍କ ନାମ ଇନ୍‌କିଲାବ୍ ଜିନ୍ଦାବାଦ ରଖିଥିଲେ। ପରେ ଅମିତାଭଙ୍କ ନାମ ପରିବର୍ତ୍ତନ କରାଯାଇଥିଲା। ତାଙ୍କ ପୂର୍ବ ବଂଶଧରଙ୍କ ସାଙ୍ଖ୍ୟା ଥିଲା ଶ୍ରୀବାସ୍ତବ। ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତ୍ରୀ ରେଖାଙ୍କ ସହିତ ଅମିତାଭଙ୍କ ପ୍ରେମ ସମ୍ପର୍କ ଥିବା ଚର୍ଚ୍ଚା ହେଉଥିଲେ ବି ସେ ବିଶିଷ୍ଟ ଅଭିନେତ୍ରୀ ଜୟା ଭାଦୁଡିଙ୍କୁ ବିବାହ କରିଥିଲେ। ଜୀବନର ଉତ୍ଥାନ ପତନ ମଧ୍ୟରେ ଆଗକୁ ଆଗକୁ ଯାତ୍ରା କରିଥିବା ଅମିତାଭ ବଚ୍ଚନ ୧୯୮୨ ମସିହା ଜୁଲାଇ ୨୬ ତାରିଖରେ ଚଳଚ୍ଚିତ୍ର ସୁଟିଂ ବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହି ଚଳଚ୍ଚିତ୍ରର ନାମ ହେଉଛି 'କୁଲି'। 'କୁଲି' ଫିଲ୍ମର ସୁଟିଂ ବେଙ୍ଗାଲୁରୁ ୟୁନିଭରସିଟ୍ କ୍ୟାମ୍ପସରେ ଚାଲିଥିଲା ବେଳେ ଏଥିରେ ଏକ ଫାଇଟ୍ ଦୃଶ୍ୟ ରହିଥିଲା। ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଅମିତାଭ ବଚ୍ଚନ ଗୋଟିଏ ସିନ୍‌ରେ ତାଙ୍କର ସହ କଳାକାର ପୁନିତ୍‌ଙ୍କ ସହ ଫାଇଟ୍ କରୁଥିଲେ। ଅମିତାଭ ଗୋଟେ ଟେବୁଲ ଉପରକୁ ଡେଇଁ ତଳକୁ ଖସି ପଡିବା ଦୃଶ୍ୟ ସୁଟିଂ ହେବାର ଥିଲା ବେଳେ ସେ ଅସାବଧାନତା ବସତଃ ହେଉ କିମ୍ବା ଅନ୍ୟ କାରଣରୁ ହେଉ ଡେଇଁଲା ବେଳକୁ ତାଙ୍କ ପେଟରେ ଟେବୁଲର ଗୋଟିଏ କୋଣ ଜୋରରେ ଆଘାତ ଦେଇଥିଲା। ଯେଉଁଥିରେ ସେ ଗୁରୁତର ହୋଇପଡିବା ସହିତ ଘଟଣା ସ୍ଥଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେତେବେଳେ ତାଙ୍କ ଜୀବନ ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡିଲା। ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏହି ଖବର ଯେତେବେଳେ ସାରା ଦେଶରେ ପ୍ରଚାରିତ ହୋଇଗଲା ତାଙ୍କର କୋଟି କୋଟି ପ୍ରଶଂସକ ଓ ଫ୍ୟାନ୍ ମାନେ ଉପବାସ ପାଳନ କରିବା ସହିତ ବିଭିନ୍ନ ମନ୍ଦିରରେ ଦୀପ ଜାଳି ଅମିତାଭଙ୍କ ଆରୋଗ୍ୟ କାମନା କରିଥିଲେ। ଦୀର୍ଘ ୬ମାସ ଅମିତାଭଙ୍କୁ ହସ୍ପିଟାଲରେ ରହିବାକୁ ପଡିଥିଲା। କିନ୍ତୁ 'କୁଲି' ଚଳଚ୍ଚିତ୍ର ହିଁ ଅମିତାଭଙ୍କ ଭାଗ୍ୟରେ ବିରାଟ ପରିବର୍ତ୍ତନ ଆଣିଦେଲା। ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା 'କୁଲି'। କେବଳ ଚଳଚ୍ଚିତରରେ ଅଟକି ଯାଇନି ଅମିତାଭ ବଚ୍ଚନଙ୍କ ଜୀବନ। ଟିଭି ପରଦାରେ 'କୌନ୍ ବନେଗା କରୋଡପତି' (କେବିସି)ର ହଟ୍ ସିଟ୍‌ରେ ଅମିତାଭଙ୍କ କଥା କହିବାର ଶୈଳୀ ଓ ପ୍ରଶ୍ନ ପଚାରିବାର ଢଙ୍ଗ ଦେଶର ସବୁ ଘରେ ପହଞ୍ଚି ପାରିଥିଲା। ମୃତ୍ୟୁ ମୁହଁରୁ ଫେରି ଆସିଥିବା ଅମିତାଭ ବଚ୍ଚନଙ୍କ ଦୀର୍ଘ ଜୀବନ ଯାତ୍ରାରେ ସେ ବଲିଉଡ୍‌ର ସେହନ୍‌ସାହା ଭାବେ ଯେଭଳି ପରିଚିତ ସେହିଭଳି ଜଣେ ଚଳଚ୍ଚିତ୍ର ନିର୍ମାତା, ଟିଭି ଉପସ୍ଥାପକ ଏବଂ ଭଲ କଣ୍ଠଶିଳ୍ପୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ୧୯୪୨ ଅକ୍ଟୋବର ୧୧ ତାରିଖରେ ଜନ୍ମ ଗ୍ରହଣ କରିଥିବା ଅମିତାଭ କେବଳ ମନୋରଞ୍ଜନରେ ଅଟକି ଯାଇନାହାନ୍ତି। ୧୯୮୪ରେ ତାଙ୍କର ପାରିବାରିକ ବନ୍ଧୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧିଙ୍କ ଅନୁରୋଧ କ୍ରମେ ସେ ରାଜନୀତିରେ ପ୍ରବେଶ କରିଥିଲେ। ଉତ୍ତରପ୍ରଦେଶର ଆହ୍ଲାବାଦ ଲୋକସଭା ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍‌ଏନ୍ ବହୁଗୁଣାଙ୍କ ବିରୋଧରେ ନିର୍ବାଚନ ଲଢ଼ି ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ସାଂସଦ ଭାବେ ସଂସଦକୁ ଯାଇଥିଲେ। ୩ବର୍ଷ ପାଇଁ ରାଜନୀତିରେ ସକ୍ରିୟ ରହିବା ପରେ ଅମିତାଭ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ଏଭଳି ଜଣେ ମହାନାୟକଙ୍କ ପାଇଁ 'ଏକମାତ୍ର' ପରିବାର ତରଫରୁ ଅଜସ୍ର ଶୁଭକାମନା

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କଳା ପତାକା ଓ ଭାଷା ଆନ୍ଦୋଳନ



ଗଜାନନ ମିଶ୍ର

ବିଶ୍ୱରେ କଳାପତାକା: ଖ୍ରୀଷ୍ଟପୂର୍ବ ୨୦୯ ରୁ ୨୦୬ମଧ୍ୟରେ ରାଜ ପରିବାର ବିରୋଧରେ ଚେନ ସେଙ୍ଗ, ଜିଆଙ୍ଗ ଇୟୁ ଆଦିଙ୍କ ନେତୃତ୍ୱରେ କଳାପତାକା ଆନ୍ଦୋଳନ କରାଯାଇଥିଲା ଆଉ ଏହା ସଫଳତା ଲାଭ କରିଥିଲା। ଖ୍ରୀପୂ ୨୦୫ ରୁ ୧୮୬ ମଧ୍ୟରେ ଇଜିପ୍ଟରେ ମୂଳ କୃଷକ ବାସିନ୍ଦାଙ୍କ ଦ୍ୱାରା ଏହି ଆନ୍ଦୋଳନ ହୋଇଥିଲା। ଖ୍ରୀଷ୍ଟାବ୍ଦ ୧୮୫-୨୦୫ ଭିତରେ ହାନ ଡାଇନାସଟି ବିରୋଧରେ ହୋଇଥିବାବେଳେ ତୃତୀୟରୁ ପଂଚମ ଶତାବ୍ଦୀ ସମୟରେ ରୋମରେ ହୋଇଥିଲା। ସୁଇ ବଂଶ ଲୋପ ହୋଇଥିଲା ଏହି କଳାପତାକା ଆନ୍ଦୋଳନ ଫଳରେ ୬୧୧-୬୧୯ ଖ୍ରୀଷ୍ଟାବ୍ଦରେ। କିନ୍ତୁ ବିଧିବଦ୍ଧ ଭାବରେ ଖ୍ରୀ ୧୫୨୪-୨୫ ତଥା ୧୬ଶତାବ୍ଦୀରେ ଜର୍ମାନୀଦେଶର ବିଦ୍ରୋହୀ କୃଷକମାନେ ଅତ୍ୟଧିକ ଟିକସ ଓ ସାମାଜିକ ଅସନ୍ତୁଳନ ତଥା ବିଭେଦ ବିରୁଦ୍ଧରେ , ଦାସତ୍ୱରୁ ମୁକ୍ତି, ଜମିର ପୁନଃବଂଟନ ଉଦ୍ଦେଶ୍ୟରେ କଳାପତାକା ଦେଖାଇଥିଲେ। ୧୫୯୬-୯୭ ସ୍ୱୀଡେନ, ୧୬୦୬-୦୭ ରୁଷିଆ, ୧୬୩୬ ରେ ଅଷ୍ଟ୍ରିଆ, ୧୭୦୯ରେ ପୁଣି କଳାପତାକା ଅରାଜକତାର ପ୍ରତୀକ ହୋଇ ଉଭା ହୋଇଥିଲା ଅଫଗାନିସ୍ଥାନରେ। ୧୭୧୩ରେ ଫ୍ରାନ୍ସ, ୧୮୬୧ରେ ଆମେରୀକା ଗୃହଯୁଦ୍ଧରେ କଳାପତାକା ପ୍ରଦର୍ଶନ କରାଯାଇଥିବାବେଳେ ଜାପାନ, କୋରିଆ, ରୋମାନିଆ, ଚୀନ, ଆଲବାନିଆ , ଆଦିରେ ଏହା ବ୍ୟାପିଥିଲା। ୧୯୩୦ରେ ଅହମଦିଆ ମୁସଲମାନମାନେ କଳାପତାକା ଦେଖାଇଲେ। ବିଂଶ ଓ ଏକବିଂଶ ଶତାବ୍ଦିରେ ଯୁଗୋସ୍ଲାଭିଆରେ କଳାପତାକା ଚାଲିଥିବାର ପ୍ରମାଣ ରହଛି।

ଭାଷା ଓ ଭାରତ : ୧୯୩୭ ମସିହାରେ ବାଧ୍ୟତାମୂଳକ ହିନ୍ଦୀଶିକ୍ଷା କରାଇବାକୁ ଚେଷ୍ଟା ହେଲା ଯେବେ ମାଡ୍ରାସ ତଥା ତାମିଲନାଡୁରେ ଏହା ବିରୋଧରେ ଆନ୍ଦୋଳନ ତେଜି ଉଠିଲା। ଏହା ଦୀର୍ଘ ତିନିବର୍ଷ ଚାଲିଲା ବିଭିନ୍ନ ସଭା ସମିତି, ଅନଶନ ମାଧ୍ୟମରେ। ସରକାରୀ ତଥ୍ୟ କହେ ୧୧୯୮ଜଣ ଗିରଫ ହୋଇଥିଲେ। ସେତେବେଳର ସରକାର ଇସ୍ତଫା ଦେଲେ ୧୯୩୯ରେ। ୧୯୪୦ରେ ବ୍ରିଟିଶ ମାଡ୍ରାସର ଗଭରନର ଲର୍ଡ ଏରସକିନ ବାଧ୍ୟ ହୋଇ ବାଧ୍ୟତାମୂଳକ ହିନ୍ଦୀଶିକ୍ଷାକୁ ଉଠାଇଦେଲେ। ଭାରତ ସ୍ୱାଧୀନ ହେଲାପରେ ହିନ୍ଦୀ ହେଲା ଭାରତ କେନ୍ଦ୍ର ସରକାରଙ୍କ ସରକାରୀ ଭାଷା। ଇଂରେଜି ରହିଲା ସହଯୋଗୀ ଭାଷା ଭାବରେ ସମ୍ବିଧାନ ଲାଗୁ ହେବାର ପନ୍ଦର ବର୍ଷ ଯାଏ ଅର୍ଥାତ୍ ୨୬.୧.୨୦୫୦ ରୁ ୨୬.୧.୧୯୬୫ ଯାଏ। ଜବାହରଲାଲ ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱରେ ୧୯୬୩ରେ ସରକାରୀ ଭାଷା ଆଇନ ପ୍ରଣୟନ ହୋଇ ଲାଗୁ ହେଲା। ସମ୍ବିଧାନ କିନ୍ତୁ ସଂଶୋଧନ ହେଲା ନାହିଁ। ୨୫ ଜାନୁଆରୀ ୧୯୬୫ରେ ମଦୁରାଇ, ମାଡ୍ରାସରେ ଭାଷା ଆନ୍ଦୋଳନ ତେଜିଲା । ପ୍ରାୟ ୭୦ ଲୋକ ମଲେ ପୋଲିସ-ସୈନିକ ଦ୍ୱାରା। ପ୍ରଧାନ ମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ପ୍ରତିଶ୍ରୁତି ଦେଲେ ଇଂରେଜି ରହିବ ଅଣ ହିନ୍ଦୀ ରାଜ୍ୟ ନ ଚାହିଁଲା ଯାଏ। ସମ୍ବିଧାନ ସଂଶୋଧନ ହେଲା ନାହିଁ। ୧୯୬୭ରେ ପ୍ରଧାନ ମନ୍ତ୍ରୀ ଇନ୍ଦିରାଗାନ୍ଧୀ ଅମଳରେ ସରକାରୀ ଭାଷା ଆଇନର ସଂଶୋଧନ ହେଲା ହିନ୍ଦୀ ସହିତ ରହିଲା ଇଂରେଜି, ଯଦିଓ ସମ୍ବିଧାନ ସଂଶୋଧନ ହେଲା ନାହିଁ। ୧୯୬୮ ଓ ୧୯୮୬ରେ ପୁଣି ହେଲା ଭାଷା ଆନ୍ଦୋଳନ। ୨୦୧୪ରେ ଗୃହ ବିଭାଗରୁ ଆଦେଶ ଦିଆଗଲା ଯେ ହିନ୍ଦୀ/ ଇଂରେଜିରେ ସବୁ ବିଭାଗ ସବୁ କାର୍ଯ୍ୟ କରିବେ, ହିନ୍ଦୀକୁ ଗୁରୁତ୍ୱ ଦିଆଗଲା ଆଉ ତାମିଲନାଡୁରେ ଏହାକୁ ବିରୋଧ କରାଗଲା ଯଦିଓ। କେନ୍ଦ୍ର ସରକାର ଭାଷା ବିଷୟରେ ଆହୁରି ସତର୍କତା ଅବଲମ୍ବନ କଲେ।

ଭାଷା ଓ ଓଡିଶା: ୧୯୩୬ ପୂର୍ବରୁ ଆଜିର ଓଡିଶା ନ ଥିଲା। ସେତେବେଳେ ଛୋଟ ଛୋଟ ଗଡଜାତରେ ରାଜାରାଜୁଡାଙ୍କ ଶାସନ ଥିଲା ଆଉ ମୁଖ୍ୟତଃ ତିନିଭାଗ ହୋଇ ମଧ୍ୟପ୍ରଦେଶ, ପଶ୍ଚିମ ବଙ୍ଗ ଓ ମାଡ୍ରାସ ପ୍ରେସିଡେନ୍ସି ରେ ମିଶିକି ଥିଲା। ୧୯୨୫ ମସିହାରେ ଖଡିଆଳ ରାଜା ଆଦେଶ ଦେଲେ ଯେ ତାଙ୍କ ରାଜ ଦରବାରର ଭାଷା ଓଡିଆ ହେବ ଯଦିଓ ଅଧିକାଂଶ ଦରବାରୀ ମଧ୍ୟ ପ୍ରଦେଶ ପ୍ରଭାବିତ ହିନ୍ଦୀଭାଷୀ ଥିଲେ। ୧୯୯୫ ବେଳକୁ ସମ୍ବଲପୁର ଅଦାଲତର ଭାଷା ଓଡିଆ ବଦଳରେ ହିନ୍ଦୀ କରାଗଲା। ଏହାକୁ ବିରୋଧ କରି ଓକିଲଗଣ ସିମଲା ଗଲା ବଡଲାଟଙ୍କୁ ଭେଟିବାକୁ। ୧୯୦୧- ୦୨ରେ ବଡଲାଟଙ୍କ ଆଦେଶବଳରେ ପୁନଃ ଓଡିଆ ଭାଷା ରହିଲା। ଏଇଠୁ ଆରମ୍ଭ ହେଲା ଆମ ଆଧୁନିକ ଓଡିଶାର ଭାଷା ଆନ୍ଦୋଳନ। ଉତ୍କଳ ସମ୍ମିଳନୀ ଗଠନ କରାଗଲା ଆଉ ଦୀର୍ଘ ବର୍ଷର ସଂଘର୍ଷ ଫଳରେ ଓଡିଶା ଗଠନ ସମ୍ଭବ ହେଲା ୧ ଏପ୍ରିଲ ୧୯୩୬ରେ। ଭାରତୀୟ ସମ୍ବିଧାନ ଅନୁସାରେ ଭାଷା ଆଇନ ତିଆରି ଓ ଲାଗୁ ହେଲା ୧୯୫୪ରେ, ସବୁ ବା ଯେ କୌଣସି କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର କରିବା ଉଦ୍ଦେଶ୍ୟରେ। ଏ ଯାଏ ହେଲା ନାହିଁ। ଭାରତୀୟ ସମ୍ବିଧାନ ଇଂରେଜିକୁ ସମ୍ବିଧାନର ଏକ ଭାଷା ବୋଲି ସ୍ୱୀକାର କରି ନାହିଁ ଅଷ୍ଟମ ସୂଚୀରେ। କିଛି କାଳ ପାଇଁ ଅସ୍ଥାୟୀ ଓ ସଂଯୋଗକାରୀ ଭାଷା ଭାବରେ ବ୍ୟବହାର ନିମନ୍ତେ ବ୍ୟବସ୍ଥା ଅଛି ଯଦିଓ। ୦୬.୦୬.୧୯୭୨ରେ ଦେବାନୀ ସଂହିତା (୧୯୦୮)ଧାରା ୧୩୭ ଓ ଫୌଜଦାରୀ ସଂହିତା(୧୮୯୮) ଧାରା ୫୫୮ ଅନୁସାରେ ଓଡଶା ସରକାର ଆଇନ ବିଭାଗ ଗେଜେଟ ନୋଟିଫିକେସନ କଲେ ଅଦାଲତର ଭାଷା ହେଉଛି ଓଡିଆ। ବର୍ତ୍ତମାନର ଫୌଜଦାରୀ ସଂହିତା ଧାରା ୨୭୨ ମଧ୍ୟ କହେ ଯେ ସରକାରୀ ଭାଷା ହେଉଛି ଅଦାଲତର ଭାଷା। ମାନ୍ୟବର ଉଚ୍ଚ ନ୍ୟାୟାଳୟ କଟକ ମଧ୍ୟ ରିଟ ସଂଖ୍ୟା ୫୯୫୮/୨୦୦୭( ଟିକେରାମ ଲୁହା ବନାମ ଜିଲ୍ଲା ବିଚାରପତି ବଲାଙ୍ଗିର) ମାମଲାରେ ସ୍ପଷ୍ଟ ଭାବରେ କହିଛନ୍ତି ଓଡିଆରେ ରାୟ/ଆଦେଶ ଯୋଗାଇଦେବାକୁ। ଏହି ଲେଖକ ୧୨.୨.୨୦୧୫ରେ ରାଜ୍ୟ ସରକାରଙ୍କୁ ସୂଚନା ଦେଲେ ଯେ ଓଡିଆରେ କାର୍ଯ୍ୟ ନ ହେଲେ ସେ ଅନଶନରେ ବସିବେ ଓଡିଶା ଦିବସରେ ଅର୍ଥାତ୍ ୧.୪.୨୦୧୫ରେ ରେଜ ଭବନ ସାମ୍ନାରେ। ବସିଲେ ପ୍ରଥମ ଅନଶନ ଭାଷା ପାଇଁ ଓଡିଶାରେ। ପୁନଶ୍ଚ ୧୨/୪/ ୨୦୧୫ ରେ ଏହି ଲେଖକ ସୁଚନା ଦେଲେ ଓଡିଆ ଭାଷାରେ କାର୍ଯ୍ୟ ନ ହେଲେ ୦୧.୦୭.୨୦୧୫ରୁ ଆମରଣ ଅନଶନରେ ବସିବେ। ବସିଲେ ମଧ୍ୟ ଲୋୟର ପିଏମଜିରେ। ଭାଷା ଆନ୍ଦୋଳନ ବ୍ୟାପକ ହେଲା। ଗୁରୁତ୍ୱ ଜାଣିପାରି ରାଜ୍ୟ ସରକାରଙ୍କ ଆଇନ ମନ୍ତ୍ରୀ ୦୮.୦୭.୨୦୧୫ ତାରିଖରେ ଅନଶନସ୍ଥଳକୁ ଆସି ପ୍ରତିଶ୍ରୁତିଦେଲେ ସମ୍ବିଧାନ ଓ ଆଇନ ଅନୁସାରେ ଓଡିଆରେ କାର୍ଯ୍ୟ ହେବ। କିନ୍ତୁ ହେଲା ନାହିଁ । ମନ୍ତ୍ରୀସ୍ତରୀୟ କମିଟି ଗଠନ କଲେ, ତାହା ବି ଫସର ଫାଟିଲା। କିଛି ଭାଷାପ୍ରେମୀ ଏକତ୍ର ହୋଇ ଭାଷା ଆନ୍ଦୋଳନ ଜାରି ରଖିଲେ କଳାପତାକା ପଟୁଆର ପ୍ରତ୍ୟହ ବାହାର କରି ସଚିବାଳୟ ସାମ୍ନାରୁ। ସଠିକ୍ ଫଳ ମିଳିଲା ନାହିଁ ଏ ଯାଏ।

ବର୍ତ୍ତମାନର ଆହ୍ୱାନ: ଭାଷାକୁ ନେଇ ବହୁତ କାର୍ଯ୍ୟ ହୋଇଛି, ନ ହୋଇଛି ମୁହେଁ । କିନ୍ତୁ ଆମ ଭିତରେ ଯେତେ ଏକତାବଦ୍ଧ ଭାବରେ ଲାଗି ରହିବା କାର୍ଯ୍ୟଟି ଏ ଯାଏ ହୋଇ ପାରି ନି। ସରକାରଙ୍କ କାର୍ଯ୍ୟ ଆନ୍ଦୋଳନକାରୀ ଭିତରେ ଫାଟ ସୃଷ୍ଟି କରିବା - ସରକାର ବି ତାଙ୍କ କାର୍ଯ୍ୟରେ କିଛି ମାତ୍ରାରେ ସଫଳ ନ ହୋଇଛନ୍ତି ନୁହେଁ। ମୁଁ କଳାପତାକା ଆରମ୍ଭ କରିଛି, ମୁଁ ପ୍ରତିଷ୍ଠାତା, ମୁଁ ଭାଷା ଆନ୍ଦୋଳନ ଆରମ୍ଭ କରିଛି, ମୋ ପାଇଁ ସରକାର ଶୁଣିଲେ ସବୁ, ଏହି ସବୁ ଅହଂଜନିତ ଶବ୍ଦ ଆମ ପାଟିରୁ କେବେ ବି ବାହାରିବା ଅନୁଚିତ। ଏଇଟା ହିଁ ଆମକୁ ଲକ୍ଷ୍ୟଠି ପହଂଚିବାରେ ବାଧକ ହେଉଛି। ଆମେ ସମସ୍ତେ ଜାଣୁ ଭାରତୀୟ ସମ୍ବିଧାନ ନା ରାଜ୍ୟ ମୂଳ ଭାଷା ଆଇନ ଅନୁସାରେ ଭାଷା ବ୍ୟବହାର ହେଉନି। ବିଦେଶୀ ଭାଷା ଲଦି ଦିଆ ଯାଉଛି ଜବରଦସ୍ତି। ଲୋକେ ଅନ୍ଧାରରେ, ଆଉ ଏଇ ସୁଯୋଗରେ ଦୁର୍ନୀତି ଭ୍ରଷ୍ଟାଚାର ଚାରିଆଡେ। ଏଇ ସମୟରେ ଆମେ ସମସ୍ତେ ରାଜ୍ୟବାସୀ ଏକ ହୋଇ ପୁଣି ଥରେ ରାଜଧାନୀରେ ଏକତ୍ରିତ ହୋଇ ଏକସ୍ୱରରେ ରାଜ୍ୟର ସରକାରୀ ଭାଷା ପ୍ରଚଳନ ପାଇଁ ସ୍ୱର ଉଠାଇବା। ଆସନ୍ତୁ, ସମସ୍ତେ ମିଳିମିଶି ସମ୍ବିଧାନ ଦିବସ ୨୬.୧୧.୨୦୧୯ଠାରୁ ରାଜଧାନୀରେ ଏ କାର୍ଯ୍ୟ କରିବା ଆଉ ଲକ୍ଷ୍ୟପଥରେ ଆଗେଇବା।

***ତପୋବନ, ଟିଟିଲାଗଡ, ବଲାଙ୍ଗିର***

# କନ୍ୟାଦାନ ସରଳ ପଦ୍ଧତିରେ..



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅନେକ ସମୟରେ ଲେଖକମାନେ ପ୍ରାଚୀନ ଶାସ୍ତ୍ରପୁରାଣର ବ୍ୟାଖ୍ୟାନଗୁଡ଼ିକୁ ଆକ୍ରମଣ କରି ଲେଖା ଲେଖୁଛନ୍ତି। ପ୍ରଗତି ପରିସ୍ଥିତି ଅନୁସାରେ ମାନିବାକୁ ଚଳିବାକୁ ପଡ଼ିବ। ଯେଉଁ ପୁରାଣ ଶାସ୍ତ୍ର ସ୍ମୃତିଶାସ୍ତ୍ରରେ ତଥ୍ୟ ରହିଛି, ତାହା ସର୍ବକାଳୀନ ଯେ ଲାଗୁହେବ ଏକଥା ନୁହେଁ, ଶାସ୍ତ୍ରର ନିୟମକୁ କଡ଼ାକଡ଼ି ରକ୍ଷା କରିବା ପାଇଁ ସକଳ ରାଜଶକ୍ତି ଦରକାର, ପ୍ରତି ରାଜା ବା ପ୍ରଶାସକଙ୍କ ବ୍ୟବହାରିକ ଜ୍ଞାନ ଯଥେଷ୍ଟ ଥିବା ଦରକାର ଶାସନର ୪ ନୀତି ଦଣ୍ଡ, ସମ ଦାନ ଭେଦକୁ କିପରି କେଉଁ ସ୍ଥଳରେ ପ୍ରୟୋଗ କରାଯିବ ଏହାର ଯଥେଷ୍ଟ ଅଭିଜ୍ଞ ଜ୍ଞାନୀମାନଙ୍କୁ ପରାମର୍ଶ କରି ବୁଝି ପ୍ରୟୋଗ କରାଯିବା ଦରକାର। ଏହା ବ୍ୟତିକ୍ରମରେ ଅନେକ ସ୍ୱଚ୍ଛ ରକ୍ଷାପାଇବେ ବହୁ ଲୋକ ହଇରାଣ ହରକତ ହୋଇପାରନ୍ତି।

ଦିନଥିଲା କାନୁନ ଧର୍ମବିଧିରେ କରାଯାଇଥିଲା। ପିତୃଗୋତ୍ର ପିତୃଜାତି ପିତୃଧର୍ମରେ ସନ୍ତାନମାନେ ପରିଚିତ ହେବେ, ହେଲେ ଏହି କାନୁନ ଦୁର୍ବଳ ଶାସକମାନେ ରକ୍ଷାକର୍ତ୍ତା ହୋଇପାରିଲେ ନାହିଁ। ଏହି କାନୁନ ବଳରେ ବିଦେଶୀ ଯବାନମାନେ ନିଜର ସ୍ତ୍ରୀକୁ ନଆଣି ଅସ୍ତ୍ର ବଳରେ ଲୋକଙ୍କୁ ପରାହତ କରି ତାଙ୍କର ବଂଶବୃଦ୍ଧି କରିଛନ୍ତି। ଜମି ନଥାଇ ଜମିଦାର ହୋଇଛନ୍ତି। ଏହି ଶାସ୍ତ୍ରକୁ କାଳେ କିଏ ବଦଳାଇବେ ସେମାନଙ୍କ ଗୋଷ୍ଠୀଙ୍କ ସମୂଳେ ଧ୍ୱଂସ ତାଙ୍କର ଶାସ୍ତ୍ରନଷ୍ଟ କରିଛନ୍ତି। ଯେଉଁଠି ଶାସ୍ତ୍ର ଚର୍ଚ୍ଚା ବିଶେଷ ହେଉଥିଲା ସେଠାରେ ଜନଦୁର୍ଗକୁ ଭାଙ୍ଗି ନଷ୍ଟକରି ସ୍ୱଜନ ଦୁର୍ଗ କରିଛନ୍ତି। ମୋଗଲ ଶାସନରେ ଲୋକେ ଟ୍ୟାକ୍ସ ଦୁଇଥର ଦେଉଥିଲେ, ଏପାଇଁ ଖୋଦ୍ କଲ୍ୟାଣମଲ୍ଲ ଓ ମାନସିଂହ ପୂର୍ବରୁ ସୁଲତାନ ଶାସକରେ ପ୍ରତିପତ୍ତି ପ୍ରାପ୍ତ ବ୍ୟକ୍ତିମାନଙ୍କୁ ସ୍ଥାୟୀ ବାସିନ୍ଦା ରୂପେ ଏକ ଏକ ସ୍ଥାନରେ ଚାଷଜମି ଦେଇ ବସତି କରାଇ ମୋଗଲ ରାଜସ୍ୱ ଆଦାୟ ସ୍ଥିର କରିଥିଲେ। ଖଡ୍ଗ, ଅସ୍ତ୍ରଧାରୀ ଉଦ୍ଦେଶ୍ୟରେ କୁହାଯାଇଛି ବୀରଭୋଗ୍ୟ ବସୁନ୍ଧରା ପ୍ରକୃତରେ ରକ୍ତପାତ ଶାନ୍ତି ଦେଇନାହିଁ କି ଦେଇନପାରେ। ଆମର ଦେଶକୁ ଖାଇବର ଗିରିସଂକଟ ବାଟେ ଲୁଣ୍ଠନ ଆକ୍ରମଣକାରୀ ଆସିଛନ୍ତି ଘୋଡା ବା ପଦାତିଙ୍କ୍ କ ଭାବରେ ଜଳମାର୍ଗରେ ଗୋଆ କେରଳ ବମ୍ବେ ବାଟେ ଆସିଛନ୍ତି। ଏଣୁ ଏହି ମାନଙ୍କୁ ବାୟବା ବା ନୈରତ ପ୍ରବେଶକାରୀ କୁହାଯାଏ। ଏମାନେ ଏ ଦେଶର ସ୍ମୃତି ଶାସ୍ତ୍ର ଧର୍ମଶାସ୍ତ୍ରକୁ ନଷ୍ଟ କରିଛନ୍ତି ଏପରିକି ତାର ସଂସ୍କାର କରାଇ ଦେଇନାହାଁନ୍ତି।

ଆଜିବି ଏହାର ପୁନାରାବୃତ୍ତି ହେଉଛି। କାଶ୍ମୀର ଘାଟି ରାଜସ୍ଥାନ ଗୁଜରାଟ ବମ୍ବେ ଗୋଆ ପଟୁ ଅନୁପ୍ରବେଶ ଘଟୁଛି ଏ ମଧ୍ୟ ଦେଶର କାନୁନରେ ପରିବର୍ତ୍ତନ ଭିନ୍ନ ଭିନ୍ନ ସ୍ତରରେ ଆଣିବାକୁ ବାଧ କରୁଛି। ସ୍ୱୟମ୍ବର ପ୍ରଥା କେବଳ କନ୍ୟା ମାନଙ୍କର ରାଜା ଜମିଦାର ପରିବାରରେ ଥିଲା ଏବେ ଏହା ସଂସ୍କାରିତ ହୋଇ ୧/୧ କନ୍ୟାଙ୍କର ବହୁ ଯୁବକଙ୍କ ସହିତ ଫଟୋ, ଜାତିବାଦି ଦ୍ୱାରା ସିଦ୍ଧାନ୍ତ କରାଯାଉଛି। ପୁଅମାନେ ହିଁ ନମାରିଲେ ମୁରବୀମାନେ ଦୃଢ଼ ଜବାବ ବିବାହରେ ଦେଇପାରୁ ନାହାଁନ୍ତି। ସରକାରୀ କାନୁନ ବିବାହ ବୟସାଦି ଧାର୍ଯ୍ୟସୀମା ଆଙ୍କିଛନ୍ତି ମାତ୍ର କନ୍ୟା ମାନଙ୍କର ବିବାହ କିପରି ଉଚିତ ମାର୍ଗରେ ହୋଇପାରିବ ତାକୁ ନଜରକୁ ଆଣି ନାହାନ୍ତି। ଜାତିପ୍ରଥାର ବାସନ୍ଦ କନ୍ୟା ବିବାହ ପ୍ରଥାରେ ପୂର୍ବେ ଥିଲା। ବିବାହ ଭୋଜିରେ ଜାତିସଭା ଥିଲା ତାକୁ ସ୍ୱାଧୀନତା ପରେ ସବୁଜାତି ଉଠାଇ ସର୍ବଜାତି ଭେଦୀ ଓ ସର୍ବଜାତି ମେଳଣ ବ୍ରତ ବିବାହକୁ କରାଯାଇଛି। ଏହି ଧର୍ମବିଧିରେ କୁଠରଘାତ କରିଛି ଓ ରାଜବିଧି ଦେଖଣାହାରୀ ସାଜିଛି। ବାଲୁତ କନ୍ୟା ବିବାହ ବନ୍ଦହେବା ଉଚିତ ମାତ୍ର ବିଜ୍ଞାନମାନେ ବିଚାର ସିଦ୍ଧାନ୍ତ କରନ୍ତୁ ସବୁଜାତି ସମ୍ପ୍ରଦାୟର କନ୍ୟା ଯୋଗ୍ୟବର ସହିତ ନିଶ୍ଚିନ୍ତ ସବୁ ସିଦ୍ଧ ସମୟରେ ହେଉ। କାନୁନର ଆଶ୍ରୟରେ କେବଳ କନ୍ୟାର ବୟାନରେ ବର ପୁରୁଷପକ୍ଷ ଆକ୍ରମଣ ନଅହୁଅନ୍ତୁ। ସେବାଧର୍ମ ପ୍ରଚାର ହେଉ। ତ୍ୟାଗ କଣ ସମସ୍ତେ ଶିକ୍ଷା କରନ୍ତୁ। କେଉଁଠି ସ୍ୱାମୀ ତାଲିମକେନ୍ଦ୍ର ବୋହୂ ତାଲିମକେନ୍ଦ୍ର ଶାଶୁ ତାମିଲକେନ୍ଦ୍ର ନଣନ୍ଦ ତାଲିମକେନ୍ଦ୍ର ନାହିଁ। ଏହା ସମାଜରୁ ଶିକ୍ଷା କରାଯାଏ ନାଟକ ଫିଲିମ ଟିଭିର ନିର୍ଦ୍ଦେଶକମାନେ ଏହିପରି ପ୍ରଚେଷ୍ଟା ଜାହିର ରଖିଲେ ଆମେ ସମାଜ ପୁଣି ସୁଖ ଦିଗକୁ ଧାବିତ ହେବ। ବିବାହ କାର୍ଯ୍ୟରେ ଫାଲତୁ ସମ୍ପର୍କ ନଯୋଡ଼ି ସରଳ ପଦ୍ଧତିରେ ସ୍ୱ ସ୍ୱ ଗୃହ ପରିବେଶରେ କନ୍ୟାଦାନ କରିବା ଚେଷ୍ଟାଚାଲୁ ସ୍ୱ ସାଦି ଗ୍ରାମଲୋକ ପାଖ ପଡ଼ିଶାରେ ମଣ୍ଡପ ବାନ୍ଧି କନ୍ୟାଦାନ କର୍ମ କରାନ୍ତୁ କିପରି ଶାନ୍ତି ଓ ଆନନ୍ଦ ମିଳିବ ବୁଝିପାରିବେ।

***ସମ୍ପାଦକ, ବରେଣ୍ୟବାଣୀ,***
***ଅରୁଣୋଦୟ ମାର୍କେଟ, କଟକ***
***ଦୂରଭାଷ : ୯୪୩୭୦୩୧୨୫୩***

## ଗୀତାମକରନ୍ଦମ୍



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଲୀ ଦାଶ

***ଜ୍ଞାନ ଯୋଗ ବ୍ୟବସ୍ଥିତ***

ଜଣେ ବିଦ୍ୟାର୍ଥୀ ୧୨ ବର୍ଷ ରହି ଏକ ଗୁରୁଙ୍କ ପାଖରେ ଶାସ୍ତ୍ର ଅଧ୍ୟୟନ କରୁଥିଲେ। ବିଦ୍ୟା ଅଧ୍ୟୟନ ଶେଷରେ ଯିବା ସମୟରେ ଗୁରୁ ବିଦ୍ୟାର୍ଥୀଟିକୁ କହିଲେ, ଯାହା କିଛି ଏଠାରେ ଅଧ୍ୟୟନ କରିଛ ତାହାକୁ ଦୈନନ୍ଦିନ ଜୀବନରେ ପାଳନ କରିବ। ତା'ପରେ ଶିଷ୍ୟଟି ଘରକୁ ଆସିଲା। କିଛିବର୍ଷ ପରେ ଗୁରୁ ଚିନ୍ତା କଲେ ଶିଷ୍ୟ ନିଜ ଜୀବନରେ କ'ଣ ପ୍ରଗତି କରିଛି ମୋତେ ତା' ଗାଁକୁ ଯାଇ ଦେଖିବାକୁ ପଡିବ। ସେଥିପାଇଁ ସେ ନିଜର ବେଶ ବଦଳାଇ ଶିଷ୍ୟର ଗାଁ ଅଭିମୁଖେ ଯାତ୍ରା କଲେ। ସେ ଦିନ ଶିଷ୍ୟଟି ଜଙ୍ଗଲରୁ କାଠ କାଟିବାକୁ ଯାଇଥାଏ। ସଂଯୋଗ ବଶତଃ ରାଜାଙ୍କ ସବାରୀ ଯାଉଥିବା କାରଣରୁ ସେ ରାସ୍ତା କଡରେ ସବାରୀ ଅତିକ୍ରମ କରିବାର ଅପେକ୍ଷା କରିଥାଏ। ଗୁରୁଦେବ ମଧ୍ୟ ଆସୁଥାନ୍ତି ଗାଁ ଆଡକୁ। ଶିଷ୍ୟକୁ ରାସ୍ତା କଡରେ ବସିଥିବା ଦେଖି ପଚାରିଲେ, ଭାଇ କାହିଁକି ବସିଛ ? ସେ ଉତ୍ତର ଦେଲା- ରାଜାଙ୍କ ସବାରୀ ଅତିକ୍ରମ କରିବା ପର୍ଯ୍ୟନ୍ତ ଏଠାରେ ବସି ଅପେକ୍ଷା କରିଛି। ଗୁରୁ ପଚାରିଲେ ସବାରୀ କ'ଣ ? ଏଠାରେ ବସ ସବାରୀ ଆସୁଛି ନିଜେ ଦେଖିନେବ ଶିଷ୍ୟଟି କହିଲା। ଗୁରୁଦେବ ପୁଣି ପଚାରିଲେ ହେଲେ ସବାରୀ କାହାକୁ କୁହନ୍ତି ? ଶିଷ୍ୟ କ୍ରୋଧରେ ଭଡ଼କି କହିଲା, 'ମୁର୍ଖ ସବାରୀ କାହାକୁ କୁହନ୍ତି ଜଣାନାହିଁ ?' ଗୁରୁଜୀ ପୁଣି ଶାନ୍ତି ପୂର୍ବକ କହିଲେ ଭାଇ ମୋତେ ଗାଁକୁ ଯିବାର ଅଛି ସବାରୀ ଆସୁଥିବାରୁ ଯାଇହେଉନି ତେଣୁ ଜାଣିବାକୁ ଚାହେଁ ସବାରୀରେ କ'ଣ ଅଛି ? ଏବେ ଶିଷ୍ୟ ଖୁବ୍ ଗରମ ହୋଇ କହିଲଶଏ ଛଉଫ୍ ରହି ପାରୁନୁ ? ସବାରୀ ସବାରୀ ସବାରୀ କହି ମୋ ମୁଣ୍ଡ ଖାଉଛୁ।

ଏହା ମଧ୍ୟରେ ଢୋଲର ଶବ୍ଦ ପାଖରେ ଶୁଣାଗଲା ଏବଂ ସବାରୀ ଦେଖାଗଲା। ସବୁଠାରୁ ଆଗରେ ଢୋଲବାଲା, ତା'ପଛରେ ସେହେନାଇ, ତା'ପରେ ଘୋଡା ଉପରେ ଡମ୍ବରୁ ବାଲା ଓ ଧ୍ୱଜ ପତାକା, ମୁଣ୍ଡ ଉପରେ କଳସ ରଖି ସ୍ତ୍ରୀ ମାନଙ୍କର ଶୋଭାଯାତ୍ରା ଶେଷରେ ହାତୀ ଉପରେ ରାଜାଙ୍କର ବିମାନ ସବାରୀ ଯାଉଥାନ୍ତି। ଛଦ୍ମବେଶୀ ଗୁରୁଦେବ ପଚାରୁଥାନ୍ତି, ଏଇଟା ସବାରୀ ? ଏଇଟା ସବାରୀ ? ଶିଷ୍ୟ ଚିଡି କହିଲା ହାତୀ ଉପରେ ବିମାନ ଓ ସେଥିରେ ବସିଥିବା ରାଜା ହେଉଛନ୍ତି ସବାରୀ। ପୁଣି ଗୁରୁ ପଚାରିଲେ ହାତୀ କ'ଣ ? ବିମାନ କ'ଣ ? ଏବେ ବ୍ୟକ୍ତିଟିର ସହନ ଶକ୍ତି ପୁରା ଭାଙ୍ଗି ଯାଇଥିଲା। ଯାହା ଉପରେ ବସିଛନ୍ତି ରାଜା ତାହା ବିମାନ, ଯିଏ ତଳେ ଚାଲୁଛି ସେ ହାତୀ। ଗୁରୁ ପଚାରିଲେ ଉପରେ କ'ଣ ? ତଳେ କ'ଣ ? ବାସ ଏତିକିରେ ଶିଷ୍ୟ ଧକ୍କା ମାରି ଗୁରୁଙ୍କୁ ତଳେ ପକାଇ ଦେଲା ଏବଂ ତାଙ୍କ ଛାତି ଉପରେ ବସି କହିଲା ଦେଖ 'ଉପରେ ମୁଁ ତଳେ ତୁ!' ଗୁରୁଦେବ ତ ଶାନ୍ତିର ପ୍ରତୀମୂର୍ତ୍ତି ଥିଲେ। ତେଣୁ ଶାନ୍ତି ପୂର୍ବକ ପଚାରିଲେ ମୁଁ ମାନେ କ'ଣ ? ତୁ ମାନେ କ'ଣ ? ଏବେ ବ୍ୟକ୍ତିଟି ଥରିବାକୁ ଲାଗିଲା। ଭାବିଲା ଏମିତି ପ୍ରତିକୂଳ ପରିସ୍ଥିତିରେ ବି ମାନସିକ ସନ୍ତୁଳନ କେବଳ ଗୁରୁଦେବ ହିଁ ରଖିପାରନ୍ତି। ଏ ନିଶ୍ଚୟ ମୋ ଗୁରୁଦେବ। ବେଶ ବଦଳାଇଥିବା କାରଣରୁ ସେ ସିନା ଗୁରୁଙ୍କୁ ଚିହ୍ନ ପାରିନଥିଲା କିନ୍ତୁ ଗୁରୁଙ୍କର ପଢ଼ାଇଥିବା ଶବ୍ଦ ସବୁ ତା'ର ମନେ ପଡିଗଲା। ଏ ଜଗତରେ ମୁଁ ଆଉ ତୁ ର ଭାବନା ହିଁ ଝଗଡାର ମୂଳ କାରଣ। ସର୍ବ ବ୍ରହ୍ମମୟ ଇଦଂ ଜବତ ରେ! କିମ୍ ବଚନିୟମ କିମ୍ ରଚନିୟମ୍! ସବୁ କିନ୍ତୁ ମିଥ୍ୟା ଅଟେ ଇଥ୍ୟାଦି. ଇତ୍ୟାଦି। ଅଜ୍ଞାନର ପର୍ଦ୍ଦା ଉଠିବାକୁ ଲାଗିଲା। ପଶ୍ଚାତାପର ଲୁହ ଆଖିରୁ ଝରିବାକୁ ଲାଗିଲା। ଅଶ୍ରୁପୂର୍ଣ୍ଣ ଆଖିରେ କହିଲା ଆପଣ ମୋର ଗୁରୁ ନା ? ମୋର ସମସ୍ତ ଭୁଲ କ୍ଷମା କରନ୍ତୁ ଗୁରୁଦେବ। "ମତ୍ ସମଃ ପାତକି ନାସ୍ତି, ପାପଘ୍ନଃ ତ୍ୱତ୍ ସମାନ ହିଁ, ଏବମ୍ ଜ୍ଞାତ୍ୱା ଗୁରୁଦେବ ଯଥା ଯୋଗ୍ୟ ତଥା କୁରୁ।"

ଗୁରୁ ଶିଷ୍ୟକୁ ପ୍ରେମର ସହିତ ହୃଦୟରେ ଜାବୁଡି ଧରି କହିଲେ ବତ୍ସ ମୁଁ ତୋର ସେହି ଅଭାଗା ଗୁରୁ। ଦେଖିବାକୁ ଆସିଥିଲି ଅପରୋକ୍ଷ ଅନୁଭୂତିର ଯେଉଁ ପୋଥି ପାଠ ତୁ ପଢ଼ି ଆସିଥିଲୁ ତାହାକୁ ଆଚରଣରେ କରୁଛୁ କି ନାହିଁ। ଯେ ପର୍ଯ୍ୟନ୍ତ ମୋର, ତୋର ଭେଦ ଦୂର ହୋଇନାହିଁ, ଅହଂର ବନ୍ଧନ କଟିନାହିଁ, ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ସ୍ଥିର ରଖିବାର ଅଭ୍ୟାସ ଆସିନାହିଁ ସେ ପର୍ଯ୍ୟନ୍ତ ଅଜ୍ଞାନର ଗ୍ରନ୍ଥି ଖୋଲେନା ଏବଂ ଗ୍ରନ୍ଥି ନ ଖୋଲିବା ପର୍ଯ୍ୟନ୍ତ ସଂଶୟ ଲାଗି ରହିଥାଏ। "ସଂଶଂୟାତ୍ମା କିନଶ୍ୟତି"। ଏପରି ମଣିଷ ନିଜ ପାଇଁ ତଥା ସମାଜ ପାଇଁ ଅକଲ୍ୟାଣ କରିଥାନ୍ତି, ଜ୍ଞାନ ଯୋଗ ବ୍ୟବସ୍ଥିତରୁ ବଞ୍ଚିତ ହୋଇଥାନ୍ତି।

***(କ୍ରମଶଃ)***

# ଉଆଁସୀ କନ୍ୟା

ପ୍ରଶାନ୍ତ କୁମାର ରଥ





ମୋହିନୀ, ମୋହିନୀ ଉପାଧ୍ୟାୟ ରୂପରେ ଯେମିତି ଗୁଣରେ ସେମିତି। ଢଳ ଢଳ ଆଖି, ଗୋରା ଗୋରା ଗାଲ, ମିଠା ମିଠା ହସ। ହସି ଦେଲେ ଗାଲରେ ଭଉଁରୀ ଖେଳେ। ଗୋଲଗାଲ ଜହ୍ନ ପରି ମୁହଁ। ଗୋଲାପୀ ଓଠରେ ସବୁବେଳେ ହସ ଭରି ରହିଥାଏ। ପରକୁ ଆପଣା କରିବାର କଳା ତାକୁ ଭଲ ଭାବରେ ଜଣା। ମାନ ସମ୍ମାନ କେଉଁଥିରେ କେହି ଖୁଣିବେନି। ଘର ବାହାର ସବୁ କାମ ତାକୁ ଜଣା। ଲଜ୍ୟା ଓ ଶାଳୀନତା ନାରୀର ଗହଣା। ସେହିଟାକୁ ସବୁବେଳେ ସେ ତା'ର ପାଖରେ ରଖିଥାଏ। ସମସ୍ତଙ୍କ କଥାକୁ ସମ୍ମାନ ଦିଏ। ବାପା ମା'ଙ୍କ ସେବା କରେ, ଭାଇଭଉଣୀ ମାନଙ୍କୁ ସ୍ନେହ କରେ। ସମସ୍ତେ ତାକୁ ଭଲ ପାଆନ୍ତି।

ବୟସ ୩୨ବର୍ଷ ହେଲାଣି କିନ୍ତୁ ବାହାଘର ହୋଇପାରୁନି। ବହୁତ ଜାଗାରୁ ପ୍ରସ୍ତାବ ଆସୁଛି। ଝିଅ ଦେଖିବାକୁ ଆସୁଛନ୍ତି। ରୀତିନୀତି ଅନୁସାରେ ନିଜକୁ ସୁନ୍ଦର ଭାବରେ ସଜେଇ ସର୍ବତଟେ ଧରି ସମସ୍ତଙ୍କ ସମ୍ମୁଖରେ ଉପସ୍ଥିତ ହେଉଛି ମୋହିନୀ। ସମସ୍ତଙ୍କ ଆଗେ ମୁହଁ ପୋତି ବସୁଛି। ଅନେକ ପ୍ରଶ୍ନର ଉତ୍ତର ଦେବାକୁ ପଡୁଛି ତାକୁ। ଝିଅ ପସନ୍ଦ ହୋଇଛି କହି ଚାଲି ଯାଉଛନ୍ତି। ପଛରେ କୋଷ୍ଠୀ ପଡୁନି କହି ମନା କରି ଦେଉଛନ୍ତି। ଏହା ଗୋଟେ କି ଦୁଇଟି ପ୍ରସ୍ତାବର କଥା ନୁହେଁ ଗଣି ଗଣି କରି ୪୨ଟି ପ୍ରସ୍ତାବ ଏମିତି ଭାଙ୍ଗି ଗଲାଣି। କ'ଣ ନା ଝିଅଟି ଉଆଁସୀ କନ୍ୟା। ଯାହାକୁ ବାହା ହେବ ଅଳ୍ପ ଦିନ ଭିତରେ ତା'ର ସ୍ୱାମୀ ମରିଯିବ। ସତ କହିଲେ ଏଇଟା ଏକ ଅନ୍ଧବିଶ୍ୱାସ ନା ବିକୃତ ମାନସିକତାର ପରିଚୟ। ଯିଏ ଅମାବାସ୍ୟା ବାସି ଦିନ ଜନ୍ମ ନେଇଥାଏ ତାକୁ ସମସ୍ତେ କୁହନ୍ତି ଉଆଁସୀ କନ୍ୟା କିନ୍ତୁ ଏଥିରେ ତା'ର ଅପରାଧ କ'ଣ। ଯଦି ଅମାବାସ୍ୟା ବାସିରେ ଜନ୍ମ ନେଇ ଝିଅଟି ଉଆଁସୀ କନ୍ୟା ରୂପେ ଜନ୍ମ ନେଉଛି ସେଥିରେ ତା'ର ପାପ କ'ଣ? ସେଥିପାଇଁ କ'ଣ ସିଏ ଦାୟୀ? ତା'ର ଅପରାଧ କ'ଣ? ଯେତେ ଯେତେ ବାହାଘର ଭାଙ୍ଗି ଯାଉଛି ବାହାହେବା ତା ପାଇଁ ସେତେ ସେତେ କଷ୍ଟ ହୋଇପଡୁଛି।

ବାପା ମା'ଙ୍କ ଦୁଃଖ ଦେଖି ଦେଖି ମୋହିନୀ ହତୋତ୍ସାହିତ ହୋଇ ପଡୁଥିଲା। ତା' ପାଇଁ ସେମାନଙ୍କୁ କେତେ କଷ୍ଟ ସହିବାକୁ ପଡୁଛି। ବରପାତ୍ର ଖୋଜି ଖୋଜି ବାପାଙ୍କର ଚପଲ ଘୋରି ହୋଇଗଲାଣି। ବହୁତ ଥର ଭାବିଛି ନିଜର ଜୀବନ ହାରି ଦେବ। କିନ୍ତୁ ପାରିନି। ଘର ଛାଡି କୁଆଡେ ଚାଲିଯିବାକୁ ଭାବିଛି ପୁଣି ଲୋକଲୋଚନକୁ ଡରି ଯାଇ ପାରୁନି। ସମସ୍ତେ କହିବେ ଅମୁକ ଝିଅଟି କାହା ସହିତ ଚାଲିଯାଇଛି। ତା'ପରେ ବଢ଼ିଲା ଝିଅ ଯାଇ କେଉଁଠି ବା ରହିପାରିବ। ଆଜିକାଲିତ ସବୁଠି ମାଂସ ଲୋଭି ଡାହାଳ କୁକୁର ମନେ ଘୁରି ବୁଲୁଛନ୍ତି।

ସେଦିନ ମୋହିନୀ ଯାଇଥିଲା ତା'ର ଜଣେ ସାଙ୍ଗ ବାହାଘରକୁ ଯେଉଁଠି ଦେଖା ହୋଇଥିଲା। ତା'ର କଲେଜ ସାଙ୍ଗ ବିବେକ ସହିତ। ସବୁ ସାଙ୍ଗମାନେ ମଉଜ ମସ୍ତିରେ ମାତି ରହିଥିବା ବେଳେ ମୋହିନୀ ଚୁପ୍ ଚାପ୍ ବସିଥାଏ। ଏକଥା ଦେଖି ବିବେକ ତା' ପାଖକୁ ଆସିଲା ଆଉ ପଚାରିଲା। ସାଙ୍ଗ ବାହାଘର ତୁମେ ଏନ୍‌ଜୟ ନକରି ଏମିତି ଉଦାସ ହୋଇ ବସିଛ କାହିଁକି। କ'ଣ ଭାବୁଛ କେବେ ତୁମେ ଏମିତି ବଧୂବେଶ ସାଜିବ। ଏକଥା ଶୁଣି ମୋହିନୀର ଆଖିରେ ଲୁହ ଆସିଗଲା।

ବିବେକ ତା ପାଖକୁ ଯାଇ ସରି କହି କ'ଣ ହୋଇଛି ବୋଲି ପଚାରିଲା। ଜଣେ ବନ୍ଧୁ ହିସାବରେ ମୋହିନୀ ସବୁ କଥା ବିବେକ ପାଖରେ ଖୋଲି କହିଲା। ଏକଥା ବିବେକ ଶୁଣିଲା ପରେ ବହୁତ ଦୁଃଖୀ ହୋଇ ଯାଇଥିଲା। ଆଉ ଭାବୁଥିଲା ସତରେ ଆଜିବି ଏମିତି ମଣିଷ ଅଛନ୍ତି। ଯେତେବେଳେ ଜଣେ ଅନ୍ୟଜଣଙ୍କୁ ଭଲପାଇ ବସେ ସେତେବେଳେ କ'ଣ ତାର କୋଷ୍ଠୀ ନକ୍ଷତ୍ର ତାକୁ ପ୍ରେମ କରିଥାଏ। ପ୍ରେମ କରି ବିବାହ କରୁଥିବା ଝିଅମାନଙ୍କ ଭିତରେ କଣ କେହି ଉଆଁସୀ କନ୍ୟା ନାହାନ୍ତି। ଆଉ ଗୋଟେ କଥା ଯେଉଁମାନଙ୍କ ଜାତକ ରାଜଜୋଟକ ପଡୁଛି ସେମାନେ କ'ଣ ଜୀବନ ସାରା ଖୁସିରେ ରହୁଛନ୍ତି। ଏମିତି ଅନେକ ନଜର ଅଛି ଜାତକ ପଡିଥିଲେ ମ ଧ ସେମାନଙ୍କ ମଧ୍ୟେ ମତ ପାର୍ଥକ୍ୟ ଦେଖାଯାଉଛି ବିବାହ ବିଚ୍ଛେଦ ମଧ୍ୟ ହେଉଛି। ଅନେକ ଜଣଙ୍କ ସ୍ୱାମୀ ଅବା ସ୍ତ୍ରୀ ମଧ୍ୟ ମୃତ୍ୟୁ ମୁଖରେ ମଧ୍ୟ ପଡୁଛନ୍ତି। ସେତେବେଳେ ତ କେହି କାହାକୁ ଦୋଷ ଦେଉନାହାନ୍ତି। ତେବେ ଜଣେ ଉଆଁସି ଝିଅ ଏତେ କଷ୍ଟ ପାଇବ କାହିଁକି। ସେଦିନ ମୋହିନୀକୁ ଆଶ୍ୱାସନା ଦେଇ କହିଥିଲେ ତୁମର ଯଦି କିଛି ଆପତ୍ତି ନଥାଏ ମୁଁ ତୁମକୁ ବିବାହ କରିବି କହି ଚାଲି ଯାଇଥିଲା।

ଆଉ ନିଜର ବାପା ମା'ଙ୍କୁ ମୋହିନୀ ବିଷୟରେ ସବୁ କଥା କହି ତାଙ୍କ ଘରକୁ ବିବାହ ପ୍ରସ୍ତାବ ପଠାଇଥିଲା। ବିନା ଜାତକ ଗଣନା ବିନା ଯୌତୁକରେ ରୀତିନୀତି ଅନୁସାରେ ମୋହିନୀ ବିବାହ କରିଥିଲା ବିବେକ। ଆଉ ଆଜିବି ସେମାନଙ୍କ ଦାମ୍ପତ୍ୟ ଜୀବନ ସେମିତି ହସ ଖୁସିରେ ବିତି ଚାଲିଛି। ଝିଅ ପୂର୍ଣ୍ଣିମା ଜଣେ ବିଜିନେସ ମ୍ୟାନକୁ ବିବାହ କରି ଆମେରିକାରେ ଅଛି। ପୁଅ ଅଙ୍କିତ ବେଙ୍ଗାଲୁରରେ ଗୋଟେ ମଲ୍ଟିନ୍ୟାସନାଲ କମ୍ପାନୀରେ ସଫ୍ଟୱେୟାର ଇଞ୍ଜିନିୟର ଅଛି। ଆଉ ଏହି ବୃଦ୍ଧାବସ୍ଥାରେ ମୋହିନୀ ଆଉ ବିବେକ ସେହି ପୁଅ ପାଖରେ ବଡ ହସଖୁସିରେ ଅଛନ୍ତି।

*ସୁନ୍ଦରପୁର, ଉତ୍ତରକୂଳ ହାଟ,*
*ପ୍ରୀତିପୁର, ଯାଜପୁର*
*ଦୂରଭାଷ: ୦୮୮୯୨୩୦୧୧୪୩*

# ଆମ ସମ୍ପର୍କ



ଡ. ମୌସୁମୀ ପରିଡା

ମୋ ନିଃଶ୍ୱାସରେ ତୁମ ବଂଶୀ ବାଜେ
ଯମୁନାରେ ତରଙ୍ଗ ଖେଳେ, କଦମ୍ବରୁ ବାସ୍ନା ଚହଟେ
ତେବେ ବି ତୁମେ ବାଟ ଓଗାଳୁଥାଅ
ଯେଉଁ ପାହାଚ ଦେଇ ମୁଁ ଉପରକୁ ଉଠେ।
କପଟୀ ତ ଥିଲ, ମିଛୁଆ ବି!
ତୁମ ମଥାର ମୟୁର ଚନ୍ଦ୍ରିକା କେବେକେବେ
ମୋ ଗଭାର ଶୋଭା ବଢାଏ।
ତେବେ ବି କାଇଁ ମୟୁରମାନଙ୍କୁ ଖୁବ୍ ଈର୍ଷା କରେ ମୁଁ।

ତୁମ ହାତର ବଂଶୀ ମୋ ନାଁ ଡାକୁଥାଏ ଜାଣି ବି
କାଇଁ ତା ପ୍ରତି ଅସୂୟାରେ ଭରେ!
ଯମୁନା ଆମ ସଂପର୍କର ସାକ୍ଷୀ,
ଯେବେ ତା ଢେଉରେ ମୁଁ ନିଜ ମୁହଁ ଦେଖେ
ସେ ମୋତେ ତୁମ ମୁହଁ ଫେରାଏ!
ତେବେ ବି ତାକୁ କୋଉ ସହିପାରେ ମୁଁ!
ଜାଣିଛ, ଯମୁନା କେତେ ଉଚ୍ଛୃଂଖଳ
ତୁମକୁ ଛୁଇଁବାକୁ କେତେ ବାହାନା, ଫନ୍ଦିଫିକର!
ସେ ଶୁଖିଯାଆନ୍ତାନି! ତାର ଔଦ୍ଧତ୍ୟ ଆଉ ସହିହେଉନି ମ!
ତୁମକୁ ଛୁଉଁଥିବା ପ୍ରତିଟି ସଜୀବ ନିର୍ଜୀବ, ଦୃଶ୍ୟ ଅଦୃଶ୍ୟ
ସମସ୍ତେ ଈର୍ଷଣୀୟ ମୋ ପାଇଁ!
ତୁମେ କୋଉ ବୁଝ ଯେ ଈର୍ଷାର ବିଦଗ୍ଧ ଯନ୍ତ୍ରଣା
ଜୀବନ ଓ ମରଣର ଅଧାବାଟରେ ଝୁଣି ଖାଇଯାଏ ବୋଲି!
ମହୁରେ ଲୁତପୁତ୍ ମହୁଫେଣା କି ବୁଝେ
ମହୁମାଛିମାନଙ୍କ ନାହୁଡ-ଯନ୍ତ୍ରଣା!





ନିଜ ଭାବନା ଆଜିକାଲି ନିଃଶ୍ୱାସ ପ୍ରଶ୍ୱାସର ଲଗାମ୍ କଷେ ବୋଲି
ରୋଜ୍ ମୁଁ ଧାଏଁ ତୁମଠୁ ଦୂରକୁ, ଭିନ୍ନ ଏକ ଇଲାକାକୁ।
ତୁମକୁ ତୁମ ଦୁନିଆରେ ଛାଡି ଦେଇ ଭାବେ
ଏଥର ସଫା ମୋ ଆକାଶ..ସେଠି ପାଣି ବର୍ଷା ହେଉ କି ଖରା ବର୍ଷା!
ତ୍ରାହି ପାଇଯିବି କ୍ଷଣ କ୍ଷଣ ଜଳିବା ଭୟରୁ..।
କୋଉ ପାରେ ..ଯେ! ସବୁଠି ତ ଯମୁନା, ବଂଶୀ, କଦମ୍ବ ଆଉ ତୁମ ଛାଇ..!
ସେମାନେ ବାହୁ ମେଲାଇ ଜଡାଇଧରିଛନ୍ତି ମୋର ସକଳ ସତା,
କହୁଛନ୍ତି- ମୋ ଭିତରେ ଈର୍ଷା ଭରିବାକୁ ତୁମର କାଳେ ଏସବୁ ପ୍ରଯତ୍ନ!
କୁହ ଏଥର କୁଆଡେ ଧାଇଁବି..ନଜରର ଶେଷଯାଏଁ ନା
ଭାବନାର ଆୟୁଷ ନିଜ ଭିତରେ ସରିଯିବାଯାଏଁ!

*ମାର୍ଫତ /ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*କ୍ୱାର୍ଟର.ନଂ: ୩ ଆର/୪*
*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର,ଜଗତସିଂହପୁର*

# ମାଆ

ରାଧାରାଣୀ ତ୍ରିପାଠୀ

"ଆହେ ତୁମେ ତ ଆସିଲ, ପୁଅ କାହିଁ?" ଭାରି ବ୍ୟସ୍ତହୋଇ ପଚାରୁଥାଏ ସେ। ପାଣିଢାଳେ ଧରି ଢକ ଢକ କିନି ଚୁପ୍‌ଚାପ୍ ପିଇଗଲେ ସନାବାବା।

ତାଙ୍କୁ ଝାଙ୍କିଦେଇ ପୁଣି ପ୍ରଶ୍ନ କଲା ପତ୍ନୀ ଦେବକୀ। "ହଇହେ ପାଣି ଯାକ ପିଇଗଲ ଯେ? କଣ କିଛି ଖାଇବନି?" କିଛି କହିଲେନି ସନାବାବା। "ଆଚ୍ଛା କହିଲ ପୁଅ କାହିଁ?" ପୁଣି ପଚାରିଲା ସେ।

"ନା ନା ମୁଁ କିଛି ଖାଇବିନି। ଆଜି ମନ୍ତ୍ରୀ ଆସିଥିଲେ। ଅରେଞ୍ଜ୍ ଜୁସ୍ ପିଆଇ ମୋର ଅନସନ ଭଙ୍ଗ କଲେ। ତା ପରେ ପରେ ପିଲାଏ ଚାରିଟି ଟିଫିନ୍ ବକ୍ସ ଆଣି ଜବରଦସ୍ତି ଖୋଇ ଦେଇଗଲେ। ମୋତେ ଆଉ ଭୋକ ନାହିଁ। ତୁ ଖାଇ ପିଇ ଶୋଇ ପଡ଼।"

"କଣ କହିଲ ଶୋଇ ପଡ଼ିବି? ଚିହିଁକି ଉଠିଲା ଦେବକୀ। କି ହେ, ମୋ ପୁଅ ଏଯାଏଁ ଘରକୁ ଆସିନି। କୋଉଠି ଅଛି? କଣ କରୁଛି? କେତେବେଳେ ଆସିବ? ସେଇ ଚିନ୍ତା ମୋତେ ଖାଇ ଯାଉଛି। ଆଉ ତୁମେ କଣ କହୁଛ ନା ମୁଁ ଖାଇପିଇ ଶୋଇଯିବି?" ତାପରେ ଟିକେ ଅନୁନୟ ହୋଇ କହିଲା "ହଇମ ଟିକେ ଯାଆନ୍ତ ନାଇଁ ଟାଉନ୍ ଆଡ଼େ...। ଖୋଜି ଆଣନ୍ତ ପୁଅକୁ। ମୋତେ ଭାରି ଚିନ୍ତା ଲାଗୁଛି।" "ଚୁପ୍‌କର ବଜ୍ଜାତ୍ ମାଇକିନା। ତୋ ପୁଅ, ତୁ ଖୋଜ୍। ମୋତେ ଅଜଥା ହଇରାଣ କରନା। କୋଉଠି ମଦ ପିଇ ପଡ଼ିଥିବ। କୁଳାଙ୍ଗାର କୋଉଠିକାର।"

"ହଁ ହଁ ତୁମକୁ ତ ରାଇଜ ଚିନ୍ତା ଲାଗିଛି। ବାଇମୁଣ୍ଡିକି କଟକ ଚିନ୍ତାପରି ତୁମକୁ ଏଇ ସହର ଚିନ୍ତା। ପୁଅ କଥା କାଇଁ ଚିନ୍ତା କରିବ?" ସୁକୁସୁକୁ ହୋଇ କହିଲା ଦେବକୀ। "ତାପରେ ଟିକେ ଚଢ଼ାଗଳାରେ ସ୍ୱାମୀକୁ ଶୁଣାଇ ଶୁଣାଇ କହିଲା ମୁଁ ଯାଉଛି ମୋ ପୁଅକୁ ଖୋଜିବାକୁ, ତୁମେ ତୁମର ବମ୍ ଭୋଲେ କରି ପଡ଼ିଥାଅ। ଚାଲୁଣି ଖୁଂଟୁଛି ଛୁଂଚିକି। ହୁଁଃ।"

ରାତି ଏଗାରଟା ଉପରେ। ଅଗତ୍ୟା ହାତରେ ଟର୍ଚ୍ଚ ଖଣ୍ଡିଏ ଧରି ବାହାରି ପଡ଼ିଲା ଦେବକୀ। ମାଆ ମନ ବୁଝୁଛି କେତେକେ। ପୁଅ ମଦୁଆ ହେଉ କି ବେକାରୀ। ବିଲ, ମାଳ, ରେଳଲାଇନ୍ ସବୁଠି ଖୋଜି ଖୋଜି ଆସୁଥାଏ। ମଝିରେ ମଝିରେ ଡାକ ଛାଡୁଥାଏ "ମଣ୍ଟୁ ମଣ୍ଟୁରେ, ତୁ କୋଉଠି ବାବା।" 'କୁଆଡ଼େ ଗଲା ଛୁଆଟା କେଜାଣି? ସୋର ଶବଦ ନାହିଁ। ତିରିଶି ବର୍ଷର ପୁଅ ମୋ ଚିନ୍ତା କରିବ କଣ? ମୁଁ ତାରି ଚିନ୍ତାରେ ମରୁଛି ନିଇତି।' ଆଖି ପୋଛିଲା ଦେବକୀ। ହଠାତ୍ ଦେଖିଲା ତାଙ୍କ ସାହିର ରିଙ୍କୁ ଅଟୋବାଲା ତା' ଅଟୋ ଧରି ଫେରୁଛି। ତାକୁ ଅଟକାଇ ପଚାରିଲା "ଏ ପୁଅ ତୁ କଣ ମଣ୍ଟୁକୁ ଦେଖିଛୁ? ବସ୍‌ଷ୍ଟାଣ୍ଡ୍ ପଟେ ଅଛି କି କଣ?"

"ନା ମାଉସୀ। ମୁଁ ଏଇ ପରା ସେପଟୁ ଆସୁଛି ମଣ୍ଟୁ ତ ନାହିଁ। ତୁ ଯିବୁକି ଘରକୁ ଚାଲ।"

"ନାରେ ପୁଅ। ମୁଁ ମୋ ପୁଅକୁ ଖୋଜୁଛି। କୁଆଡ଼େ ଗଲା ବାଡ଼ିପୋଡ଼ା କେଜାଣି? କୋଉ ଗାତରେ ପଶିଛି ଯେ ଖୋଜି ଖୋଜି ନୟାନ୍ତ ହୋଇ ଗଲିଣି।"



"ମଣ୍ଟୁ, ମଣ୍ଟୁରେ" ପୁଣି ଡାକ ଛାଡ଼ିଲା ଦେବକୀ। ଗୋଟିଏ କ୍ଷୀଣ ସ୍ୱର ତା' କାନକୁ ଶୁଭିଲା। "ହଁ ମାଆ।"

"ମଣ୍ଟୁ! ବାବୁ ତୁ କେଉଁଠି?" ତା ପରେ ପରେ ଶୁଣାଗଲା କ୍ଷେତକୁ କିଛି ଗୋଟିଏ ଗଳି ପଡ଼ିବାର ଶବ୍ଦ।

ଶବ୍ଦ ଆସୁଥିବା ପଟକୁ ହଠାତ୍ ଲାଇଟ୍ ମାରି ଦେଲା ଦେବକୀ। ବହେ ଖୁସି ହୋଇଗଲା ଏଥର। "ହେଇଲୋ ମୋ ଧନ ଏଇଠି ଅଛି। ଚାଲ୍ ବାବା ଘରକୁ ଚାଲ୍।" ଅଟୋବାଲା ରିଙ୍କୁକୁ ଡାକ ପକେଇଲା "ଏ ପୁଅ ରିଙ୍କୁ ଟିକିଏ ଆସିବୁଟି। ମୁଁ ଏକା ପାରୁନି। ଟିକିଏ ହାତ ଦେଇଦେଲେ ରାସ୍ତା ଉପରକୁ ଆସିଯିବ ଯେ। ତାପରେ ମୁଁ ନେଇଯିବି ତାକୁ।" ପୁଅର ହାତ ଧରି ଉପରକୁ ଉଠାଇବାକୁ ଚେଷ୍ଟା କରୁ ଥାଏ ଦେବକୀ। ଏଣେ ରିଙ୍କୁ ତା' ଅଟୋ ଧରି ଛୁ।

ବଡ଼ କଷ୍ଟରେ ଜଣେ ପଥଚାରୀଙ୍କ ସହାୟତାରେ ତା' ପୁଅକୁ କ୍ଷେତରୁ ଉଠାଇ ରାସ୍ତା ଉପରକୁ ଆଣିଲା ଦେବକୀ। ତାପରେ ମଦୁଆପୁଅର ଟଳମଳ ପାଦକୁ ସହାୟ ହୋଇ ଗୋଟିଏ ଗୋଟିଏ ଘର ଆଡ଼କୁ ମୁହାଁଇଲା। ସେତେବେଳକୁ ତାକୁ ଲାଗୁଥାଏ ଏଇ ତାର ତିରିଶି ବର୍ଷର ପୁଅ ନୁହେଁ ମାତ୍ର ତେର ମାସର ଦରିଦ୍ର ସଙ୍ଖାଳୀ। ତାର ଅନଭିଜ୍ଞ ଟଳମଳ ପାଦକୁ ବାଟ ଚାଲିବା ପାଇଁ ସେ ସହାୟ ହେବନି ତ ଆଉ କିଏ ହେବ? ଯେତେ ହେଲେବି ସେ ପରା ମାଆ।।

*ଭାରତୀ କୁଟୀର, ଡୁଙ୍ଗୁରିପାଲି,*
*ସୁବର୍ଣ୍ଣପୁର*
*ଦୂରଭାଷ: ୮୨୪୯୮୦୭୨୬୭*

# ଶେଷ ଦୃଶ୍ୟ

ଡ. କିଶୋର ମହାନ୍ତି

ନାଟକର ଶେଷ ଦୃଶ୍ୟ
ବିଡମ୍ବିତ ରାତି
ମୁଖା ତୋ ମୁହଁରେ .... ମୋ ମୁହଁରେ
ଶେଷ ଦୃଶ୍ୟରେ ଏକଲା ଥିଲେ ତୁ ଆଉ ମୁଁ
ମୋ ମୁହଁରେ ମହୁ ଢାଳୁ ଥିଲୁ... ପ୍ରେମର ପ୍ରୀତିର
ମୁଖା ଖୋଲି ଦେଲା ପରେ ସତ୍ୟ ନ୍ୟାୟ ଓ ବିଶ୍ୱାସ
ତୁଟାଇ ଦେଲୁ
ମହୁ ପାଲଟିଲା ବିଷ
ନାୟକ ମୁଁ ମୋର ମରିବାର ଥିଲା
ନାଟକର ଶେଷ ଦୃଶ୍ୟ ସମାପ୍ତ ହେବାର ଥିଲା
ଯବନିକା ପଡିବା ଆଗରୁ
ନୀଳବତୀ ଲିଭି ସାରିଥିଲା
ଅନ୍ଧାର ଅନ୍ଧାର
ଅନ୍ଧାରକେବଳ... ପ୍ରେମର ଆତ୍ମହତ୍ୟା
ତୁ ସମ୍ଭବତ ଖୁସିଥିଲୁ
ଫ୍ଲଡ଼ ଲାଇଟ୍ ଲିଭି ଯାଇଥିଲା
ଜୁମ୍ ହେଇ ପଡିଥିଲା ଫ୍ଲାଶ ଲାଇଟ୍ ତୋ ଉପରେ
ତୁ ସତେ ସ୍ଥିର ଅବିଚଳିତ ଥିଲୁ

ତୋତେ ପ୍ରଶ୍ନ ଥିଲା... ଦର୍ଶକ ମାନଙ୍କର
ତୁ କାହିଁକି ମାରିଲୁ
ପ୍ରିୟ ନାୟକର ମୃତ୍ୟୁ ଘଟିଲା
ସେତେବେଳେ ମୁଖା ନଥିଲା
ତୋର ଆସ୍ତେଆସ୍ତେ ଯବନିକା ଖସୁଥିଲା...

*ସେକ୍ଟର-୭, ସିଡିଏ, କଟକ-୧୪*
*ଦୂରଭାଷ: ୯୪୩୭୭୨୮୪୭୫*



# ଜୀବନର ଶେଷ ରଥ



ନମିତା ମନୋହାରୀ

ଚାଲିବାକୁ ଅଛି
ପଥ ବହୁଦୂର,
ଅଙ୍କା ବଙ୍କା ଅବା
ହେଉ ସାବଲୀଳ।
କେବେ କଣ୍ଟକିତ
ହେଉ ବା ପିଚ୍ଛିଳ।



ଅବିଶ୍ରାନ୍ତ ପଦ ଦୁଇ
ଥକି ପଡିନାହିଁ କେବେ
ଧାଇଁଛି ସେ
ଜୀବନର ଲକ୍ଷ୍ୟ ପଥେ।

ପଥ ପ୍ରାନ୍ତେ
ପିଇଯାଏ କେବେ
ଆଞ୍ଜୁଳା ଆଞ୍ଜୁଳା ଲୁହ।



କେବେ ସେ ଅସ୍ଥିର
ଝୁଣ୍ଟି ପଡି
ଆୟତ୍ତ କରିନିଏ
ଅଣାୟତ୍ତ ପାଦ।

ଆଶା ଅସୁମାରୀ,
ଆଖି ତଳେ ଅନେକ ସ୍ୱପ୍ନ
ନେଇ ଚାଲିଥିବ...

ଚାଲିବାର ହେବ ଅନ୍ତ
କେବଳ ଆଶରା ଦେବ
ଯେବେ ତାର ଜୀବନର
ଶେଷ ରଥ।

*ଢେଙ୍କାନାଳ ସରକାରୀ ଚିକିତ୍ସାଳୟ*
*ଦୂରଭାଷ: ୭୮୯୪୭୭୮୧୦୯*








ସ୍ୱାଗତିକା ରଣା
ଷ୍ଟାଣ୍ଡାର୍ଡ-୪
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର, ଭୁବନେଶ୍ୱର





ଦେବବ୍ରତ ବେଉରା
ଷ୍ଟାଣ୍ଡାର୍ଡ-୪, ପ୍ରଭୁଜୀ ଇଂରାଜୀ ମାଧ୍ୟମ ସ୍କୁଲ,
ଭୁବନେଶ୍ୱର







# ପ୍ରଭାସ ତୀର୍ଥ ସୋମନାଥ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

**ହିନ୍ଦୁ** ଧର୍ମରେ ତେତିଶ କୋଟି ଦେବାଦେବୀ ଅଛନ୍ତି ବୋଲି ଭାରତୀୟ ମାନଙ୍କର ବିଶ୍ୱାସ। ଏଥି ମଧ୍ୟରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତ୍ରିନାଥ ଭାବରେ ସର୍ବାଗ୍ରେ ପୂଜିତ। ଶିବଶଙ୍କର ଶୀଘ୍ର ପ୍ରସନ୍ନ ହୋଇ ବରଦାନ କରନ୍ତି ବୋଲି ତାଙ୍କୁ ଆଶୁତୋଷ କୁହାଯାଏ। ଭାରତରେ ଅଧିକାଂଶ ସ୍ଥାନରେ ପ୍ରସିଦ୍ଧ ଶିବ ମନ୍ଦିରମାନ ବିଦ୍ୟମାନ। ମାତ୍ର ଶିବଙ୍କର ବାର ଜ୍ୟୋର୍ତିଲିଙ୍ଗ ବହନ କରୁଥିବା ସ୍ଥାନମାନଙ୍କୁ ଅତି ପବିତ୍ର କ୍ଷେତ୍ର ଭାବରେ ପରିଗଣିତ କରାଯାଏ। ପ୍ରତ୍ୟେକ ଜ୍ୟୋର୍ତିଲିଙ୍ଗଙ୍କର ଅଲଗା ଅଲଗା କାହାଣୀ ଓ ଚମତ୍କାର ବିଦ୍ୟମାନ। ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରେ ସୋମନାଥଙ୍କ ନାମ ପ୍ରଥମେ ଉଚ୍ଚାରଣ କରାଯାଏ। ଗୁଜୁରାଟର ସୌରାଷ୍ଟ୍ର କ୍ଷେତ୍ରରେ ଜୁନାଗଡ଼ ନିକଟ ବେରାବଲ ସମୁଦ୍ର ତଟରେ ଏକ ବିଶାଳ ଭବ୍ୟ ମନ୍ଦିରରେ ଶ୍ରୀ ସୋମନାଥ ଜ୍ୟୋର୍ତିଲିଙ୍ଗ ପୂଜା ପାଆନ୍ତି। ଏହି କ୍ଷେତ୍ର ପ୍ରଭାସ ତୀର୍ଥ ନାମରେ ପରିଚିତ। ପୁରାଣ ବର୍ଣ୍ଣିତ ଯେ ଦକ୍ଷଙ୍କ ଅଭିଶାପରୁ ମୁକ୍ତ ହେବା ପାଇଁ ମହାଦେବଙ୍କୁ ତପସ୍ୟା କରି ଚନ୍ଦ୍ରମା ନିଜର ପ୍ରଭା ପୁନଃ ଫେରି ପାଇଥିବାରୁ ଏହି କ୍ଷେତ୍ରକୁ ପ୍ରଭାସ କ୍ଷେତ୍ର କୁହାଯାଏ। ଆଉ କେତେକଙ୍କ ମତରେ ଏଠାରେ ସୂର୍ଯ୍ୟଙ୍କ ତେଜ ଓ ଚନ୍ଦ୍ରଙ୍କ ପ୍ରଭା ଉଭୟ ବିଶେଷ ଭାବରେ ପ୍ରକାଶିତ ହେଉଥିବାରୁ ଏହାକୁ ପ୍ରଭାସକ୍ଷେତ୍ର କୁହାଯାଏ। ବ୍ୟାକରଣ ଅନୁସାରେ 'ପ୍ର' ଅର୍ଥ ପ୍ରକାଶ ଓ 'ଭାସ' ଅର୍ଥ ତେଜ ହୋଇଥିବାରୁ ଯେଉଁ କ୍ଷେତ୍ରର ତେଜ ଅତି ମାତ୍ରାରେ ପ୍ରକାଶିତ ହୁଏ ତାହା ପ୍ରଭାସ କ୍ଷେତ୍ର ଅଟେ। ଏହି ତୀର୍ଥର ଅନ୍ୟାନ୍ୟ ନାମ ମଧ୍ୟରେ ଭାସ୍କରତୀର୍ଥ, ଅର୍କତୀର୍ଥ, ସୋମତୀର୍ଥ, ହିରଣ୍ୟ ସରସ, ଆନଭିସର, କଳାଧାର, ଶିବପଟ୍ଟନ ଇତ୍ୟାଦି ପ୍ରଧାନ। ଜୈନ ଗ୍ରନ୍ଥ ଅନୁସାରେ ଏହି ନଗରକୁ ଚନ୍ଦ୍ର ପ୍ରଭାସ ପାଟଣା ଓ ସର୍ବ ପାପନାଶନ ତୀର୍ଥ ଏବଂ ଗୁଜୁରାତି ସାହିତ୍ୟରେ ଏହାକୁ ପ୍ରାଚୀ ପାଟଣ ଦେବ ପଟ୍ଟନ ବୋଲି କୁହାଯାଏ। ସ୍କନ୍ଦପୁରାଣରେ ସୋମନାଥଙ୍କର ପ୍ରତିଷ୍ଠା ଏହିଠାରେ ଚନ୍ଦ୍ରମା'ଙ୍କ ଦ୍ୱାରା ହୋଇଥିଲା ବୋଲି ବର୍ଣ୍ଣନା କରାଯାଇଛି।

ସୁବିସ୍ତୃତ ମନୋହର ସାଗର ବେଳା ଭୂମିରେ ଅବସ୍ଥିତ ଏହି ପବିତ୍ର କ୍ଷେତ୍ର ଉପରେ ଅନେକ ପୌରାଣିକ ତଥ୍ୟ ରହିଛି। କଥିତ ଅଛି ଅଗସ୍ତି ମୁନି ଅବସ୍ଥା ଚକ୍ରରେ ଏହିଠାରେ ସମୁଦ୍ର ଜଳକୁ ଶୋଷଣ କରିନେଇଥିଲେ। ମହାଦେବଙ୍କ କୋପାନଳରେ ଭସ୍ମ ହୋଇ ଯାଇଥିବା କାମଦେବଙ୍କର ଚିତାଭସ୍ମ ଏହିଠାରେ ବିସର୍ଜନ କରାଯାଇଥିଲା ଓ ତାଙ୍କୁ ଅଦେହୀ ଭାବରେ ରହିବା ପାଇଁ ଶିବଙ୍କ ଦ୍ୱାରା ଅନୁମତି ପ୍ରଦାନ କରାଯାଇଥିଲା। ତ୍ରେତୟା ଯୁଗରେ ରାବଣ ସୋମେଶ୍ୱରଙ୍କ ଆରାଧନା ପାଇଁ ଏଠାକୁ ଆସୁଥିବାର ବର୍ଣ୍ଣନା ଅଛି। ରାଜା ଜନ୍ମେଜୟଙ୍କର ମଧ୍ୟ ଏହା ଆରାଧନାର ପୀଠ ଥିଲା। ପାଣ୍ଡବମାନେ ଏହି କ୍ଷେତ୍ର ଦର୍ଶନ ପାଇଁ ଆସିଥିଲେ। ପ୍ରଭାସକ୍ଷେତ୍ର ବଳରାମଙ୍କର ପ୍ରିୟ କ୍ଷେତ୍ର ଥିଲା। ସେ ଏହି କ୍ଷେତ୍ରରେ ସମୁଦ୍ର ମଧ୍ୟରେ ପ୍ରବେଶ କରି ମହାପ୍ରୟାଣ କରିଥିଲେ। ଯାଦବ ବଂଶର ଧ୍ୱଂସ ଏବଂ ଏରକାବନ ମଧ୍ୟ ଏହି କ୍ଷେତ୍ର ସହ ସଂପୃକ୍ତ। ଭଗବାନ ଶ୍ରୀକୃଷ୍ଣ ନିଜର ପାର୍ଥିବ ଶରୀର ତ୍ୟାଗକରି ଏହିଠାରେ ସ୍ୱସ୍ଥାନ ବୈକୁଣ୍ଠପୁରକୁ ଗମନ କରିଥିଲେ। ସମୁଦ୍ର ତୀରରେ ଅବସ୍ଥିତ ହିରଣ୍ୟ ଏବଂ କପିଳା ନଦୀର ସମୁଦ୍ର ସହ ମିଶ୍ରଣ ଏବଂ ସରସ୍ୱତୀ ନଦୀର ଆବିର୍ଭାବ ଏହି କ୍ଷେତ୍ରର ମହିମାକୁ ଆହୁରି ବଢ଼ାଇ ଦିଏ। ବର୍ତ୍ତମାନର ପ୍ରଭାସ କ୍ଷେତ୍ର ବା ସୋମଶ୍ୱର କ୍ଷେତ୍ର ବିଷୟରେ ଯଜୁର୍ବେଦ ପରିଶିଷ୍ୟ, ମହାଭାରତ, ସ୍କନ୍ଦ ପୁରାଣରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ପ୍ରଥମେ ଚନ୍ଦ୍ର ଏଠାରେ ଏକ ସ୍ୱର୍ଣ୍ଣ ମନ୍ଦିର ତାପରେ ରାବଣ ରୌପ୍ୟ ମନ୍ଦିର ଓ ଶ୍ରୀକୃଷ୍ଣ ଚନ୍ଦନ କାଠର ମନ୍ଦିର ନିର୍ମାଣ କରିଥିବା ପୁରାଣରେ ବର୍ଣ୍ଣିତ। ବର୍ତ୍ତମାନ ସେହି ମନ୍ଦିର ଗୁଡ଼ିକର କୌଣସି ଅସ୍ତିତ୍ୱ ନାହିଁ। ତାପରେ ମନ୍ଦିର କେବେ କିଏ ପ୍ରତିଷ୍ଠା କରିଥିଲେ ତାର କୌଣସି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନାହିଁ। ମନ୍ଦିର ନିର୍ମାଣ ସହ ରାଜା ବିକ୍ରମାଦିତ୍ୟ ମଧ୍ୟ ସଂପୃକ୍ତ ଥିଲେ। ସୋମନାଥ ମନ୍ଦିରକୁ ଭକ୍ତମାନେ ମୁକ୍ତ ହସ୍ତରେ ପ୍ରଚୁର ପରିମାଣରେ ଧନ ସଂପଦ ପ୍ରଦାନ କରୁଥିଲେ। ଫଳରେ ମନ୍ଦିରେ ଗର୍ଭଗୃହ ବିଭିନ୍ନ ମୂଲ୍ୟବାନ ପଥରରେ ଖଚିତ ହୋଇଥିଲା ଏହା ଚୂଡ଼ା ସୁବର୍ଣ୍ଣ ଆଚ୍ଛାଦିତ ଥିଲା। ମନ୍ଦିର କାନ୍ଥ ମାନଙ୍କରେ ସୁନା, ହୀରା, ଲୀଳା, ମୋତି, ମାଣିକ୍ୟ ଖଚିତ ହୋଇ କାରୁକାର୍ଯ୍ୟମାନ ଶୋଭା ପାଉଥିଲା। ସୋମେଶ୍ୱରଙ୍କ ପୂଜା ପାଇଁ ଏକ ହଜାର ନୈଷ୍ଠିକ ବ୍ରାହ୍ମଣ ନିଯୁକ୍ତ ଥିଲେ। ବିଶିଷ୍ଟ କଳାକାରମାନେ ନାଚଗୀତ ପାଇଁ ନିୟୋଜିତ ଥିଲେ।

ମନ୍ଦିରର ଧନସମ୍ପତ୍ତି ଉପରେ ବିଦେଶୀମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଲା। ୭୨୨ ମସିହାରେ ସିନ୍ଧୁ ସୁବେଦାର ଜୁନାମୁଡ଼ ପ୍ରଥମେ ଆକ୍ରମଣ କରି ମନ୍ଦିରର ଭଣ୍ଡାର ଲୁଣ୍ଠନ କରିଥିଲେ। ଆରବ ପରିବ୍ରାଜକ ଆଲବେରୁଣୀ ତାଙ୍କ ଭ୍ରମଣ କାହାଣୀରେ ସୋମେଶ୍ୱରଙ୍କ ବିଷୟରେ ବର୍ଣ୍ଣନା କରିଥିଲେ। ଏଥିରୁ ସୋମନାଥ ମନ୍ଦିରର ପ୍ରାଚୁର୍ଯ୍ୟ ବିଷୟରେ ଜାଣିବା ପାଇଁ ୧୦୨୫ ମସିହାରେ ଗଜନୀର ସୁଲତାନ ମାମୁଦ ସୋମନାଥ ମନ୍ଦିର ଲୁଣ୍ଠନ କରି କୋଟି କୋଟି ଟଙ୍କାର ଧନ ସମ୍ପତ୍ତି ଲୁଟି ନେଇଥିଲେ ଓ ମନ୍ଦିରଟିକୁ ମଧ୍ୟ ନଷ୍ଟ କରି ଦେଇଥିଲେ। ଏହାପରେ ଗୁଜୁରାଟର ରାଜା ଭୀମ ଏବଂ ମଲବାର ଭୋଜରାଜାମାନଙ୍କ ଦ୍ୱାରା ମନ୍ଦିର ପୁନଃ ନିର୍ମାଣ କରାଯାଇଥିଲା। ୧୨୯୭ରେ ଆଲ୍ଲାଉଦ୍ଦିନ ଖିଲିଜଙ୍କର ଜେନେରାଲ ଆଲଫତ୍ ଖାଁ ମନ୍ଦିର ଉପରେ ଆକ୍ରମଣକରି ମନ୍ଦିର ଲୁଟ କରିବା ସହ ଏହାର ଧ୍ୱଂସ ସାଧନ କରିଥିଲେ। ଏହାପରେ ଚୂଡ଼ବଂଶର ରାଜା ମହୀପାଳ ମନ୍ଦିରର ପୁନଃନିର୍ମାଣ କରିଥିଲେ। ଏହାପରେ ୧୩୯୦ରେ ଆଉଥରେ ଆଲ୍ଲଫତ ଖାଁ, ୧୪୭୯ରେ ମହମ୍ମଦ ବେଗୋଡ଼ା ଏବଂ ୧୫୦୩ରେ ମୁଜାଫର ଶାହା ୨ୟ ମନ୍ଦିର ଉପରେ ଆକ୍ରମଣ କରି ଲୁଟ୍ କରିଥିଲେ ମଧ୍ୟ ତାହା ବାରମ୍ବାର ନିର୍ମିତ ହେଉଥିଲା। ୧୯୫୧ ମସିହା ମେ' ମାସ ୧୧ ତାରିଖରେ ନୂତନ ମନ୍ଦିରର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ସ୍ୱାଧୀନ ଭାରତରେ ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଏହି ମନ୍ଦିରକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ଓ ବେଦ ମୂର୍ତ୍ତି ଲକ୍ଷ୍ମଣ ଶାସ୍ତ୍ରୀ ଏହାର ପ୍ରତିଷ୍ଠା କାର୍ଯ୍ୟ କରିଥିଲେ। ଏହି ନୂତନ ମନ୍ଦିରରେ ସୋମନାଥଙ୍କର ସ୍ୱର୍ଣ ଲିଙ୍ଗ ବର୍ତ୍ତମାନ ପୂଜିତ। ମନ୍ଦିର ଗର୍ଭଗୃହରେ ୭ଫୁଟ ଉଚ୍ଚତା ବିଶିଷ୍ଟ ଲିଙ୍ଗ ବିରାଜମାନ। ଲିଙ୍ଗର ୨/୩ଫୁଟ ଭୂମି ମଧ୍ୟରେ ଅବସ୍ଥିତ। ମନ୍ଦିର ମଧ୍ୟରେ ପ୍ରାୟ ୨୦୦ ମହଣ ବିଶିଷ୍ଟ ବିରାଟ ଘଣ୍ଟି, ମନ୍ଦିର ମଣ୍ଡପ ଉପରେ ନନ୍ଦୀଙ୍କର ବିରାଟ ମୂର୍ତ୍ତି, ରୌପଦ୍ୱାର ଓ ମନ୍ଦିର ପରିସରର ନିର୍ମାଣ ଶୈଳୀ ଅତୀବ ମନୋହର। ମନ୍ଦିର ପ୍ରାଚୀର ନିକଟରୁ ସମୁଦ୍ରର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। ପ୍ରତିଦିନ ଶହ ଶହ ଭକ୍ତ ଏଠାକୁ ଆସି ସୋମେଶ୍ୱରଙ୍କୁ ଦର୍ଶନ କରନ୍ତି। ମାତ୍ର କାର୍ତ୍ତିକ ପୂର୍ଣ୍ଣିମା, ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଓ ଶିବରାତ୍ରୀ ଆଦି ପର୍ବ ମାନଙ୍କରେ ଏଠାରେ ପ୍ରବଳ ଭିଡ଼ ହୁଏ ଓ ମେଳା ଅନୁଷ୍ଠିତ ହୁଏ। ମନ୍ଦିରର ପରିଚାଳନା ଦାୟିତ୍ୱ ବର୍ତ୍ତମାନ ମନ୍ଦିର ଟ୍ରଷ୍ଟ ବହନ କରୁଛି। ଭକ୍ତମାନେ ରହିବା ଓ ଖାଇବା ପାଇଁ ଟ୍ରଷ୍ଟଦ୍ୱାରା ସୁବନ୍ଦୋବସ୍ତ କରାଯାଇଛି। ସୋମେଶ୍ୱରଙ୍କର ପ୍ରାତଃ ମଙ୍ଗଳ ଆରତୀ, ଅଭିଷେକ ଓ ସନ୍ଧ୍ୟା ଆରତି ଅତୀବ ଦର୍ଶନୀୟ। ପ୍ରଭାସ କ୍ଷେତ୍ରରେ ଆହୁରି ଅନେକ ଦର୍ଶନୀୟ ସ୍ଥାନ ଅବସ୍ଥିତ। ସେଥି ମଧ୍ୟରେ ତ୍ରିବେଣୀ ନିକଟରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କର ଶାରଦା ମଠ, ଗୀତା ମନ୍ଦିର, ଜୈନ ତୀର୍ଥ ମନ୍ଦିର, ପୁଷ୍ଟି ମାର୍ଗରେ ଥିବା ଶ୍ରୀମଦଲ୍ଲ ବଲ୍ଲଭଚାର୍ଯ୍ୟଜୀଙ୍କ ମଠରେ ଥିବା ଶ୍ରୀକୃଷ୍ଣ ମନ୍ଦିର। ଭଗବାନ ଶ୍ରୀକୃଷ୍ଣଙ୍କର ଜରା ଶବର ଦ୍ୱାରା ଶରାଘାତ ହୋଇଥିବା ସ୍ଥଳ, ଜୁନାଗଡ଼ ଗେଟ, ଯେଉଁ ବାଟ ଦେଇ ଆକ୍ରମଣକାରୀମାନେ ପ୍ରବେଶ କରୁଥିଲେ ଇତ୍ୟାଦି ପୀଠମାନ ଅବସ୍ଥିତ। ଭଗ୍ନ ସୂର୍ଯ୍ୟମନ୍ଦିର ଓ ଆହୁରି ଅନେକ ଭଗ୍ନ ମନ୍ଦିର ଆକ୍ରମଣକାରୀ ମାନଙ୍କର ବର୍ବରୋଚିତ କାର୍ଯ୍ୟର ସ୍ମାରକ ଭାବେ ଦଣ୍ଡାୟମାନ। ଯାହାବି ହେଉ ଏହି ପବିତ୍ରକ୍ଷେତ୍ରର ମହିମା ସାରା ଭାରତରେ ପ୍ରସିଦ୍ଧି ଲାଭ କରିଛି। ଏପରି ଏକ ତୀର୍ଥସ୍ଥାନକୁ ସଦାଶିବଙ୍କର ଅପାର କରୁଣାରୁ ପରିବାର ସହ ଯାତ୍ରାକରି ନିଜକୁ ଭାଗ୍ୟବାନ ମନେ କରୁଛି।









*ପ୍ଲଟ ନଂ.-୧୦୮୨/ଡି,*
*ମର୍କତନଗର, ସିଡ଼ିଏ, ସେକ୍ଟର-୬,*
*କଟକ*
*ଦୂରଭାଷ :*
*୯୮୬୧୩୫୫୬୨୮*

## ଆସୁଛନ୍ତି ମା'



ବଡ଼ଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି

# ପ୍ଲାଷ୍ଟିକ୍ ବର୍ଜନ ଓ ଶୃଙ୍ଖଳାକୁ ଗୁରୁତ୍ୱ

ଶାରଦୀୟ ପାର୍ବଣର ପବିତ୍ରତାରେ ହସି ଉଠୁଛି କାଶତଣ୍ଡୀ। ସବୁଠି ଦୁର୍ଗାପୂଜାର ମାହୋଲ। ଆଉ ମାତ୍ର ଅଳ୍ପ କେଇଟା ଦିନ ପରେ ଧରାବତରଣ କରିବେ ମା' ଦଶଭୂଜା। ମା'ଙ୍କ ଆଗମନ ପାଇଁ ପୂଜା ମଣ୍ଡପ ଗୁଡିକ ଚଳଚଞ୍ଚଳ ହୋଇଉଠିଛି। ଭୁବନେଶ୍ୱର ପୁରାତନ ପୂଜା ମଣ୍ଡପ ଭାବେ ଜଣାଶୁଣା ବଡଗଡ଼ ଦୁର୍ଗାପୂଜା ମଣ୍ଡପରେ ଚଳିତ ବର୍ଷ ୩୫ତମ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ପୂଜା କମିଟିର ସଦସ୍ୟମାନେ ଓ ଗ୍ରାମର ମୁରବିମାନେ ଏହି କାର୍ଯ୍ୟକୁ ତଦାରଖ କରିବା ସହିତ ଅତ୍ୟନ୍ତ ନିଷ୍ଠାପର ଭାବେ ଭକ୍ତିର ସହିତ ମା'ଙ୍କ ପୂଜାକୁ ସଫଳ କରିବା ପାଇଁ ଲାଗି ପଡିଛନ୍ତି। ଷଷ୍ଠି ଠାରୁ ଦଶମୀ ପର୍ଯ୍ୟନ୍ତ ଭକ୍ତମାନେ ଯେଭଳି ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ କରିବେ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସେଥିପାଇଁ ପଦକ୍ଷେପମାନ ନିଆଯାଇଛି। ଆକର୍ଷଣୀୟ ତୋରଣ, ମୂର୍ତ୍ତି ଓ ମେଢ଼ରେ ଝଲସିବ ବଡଗଡ଼ ଦୁର୍ଗାପୂଜା ମଣ୍ଡପ। ମେଢ଼ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡକୁ ଲକ୍ଷ୍ୟ କରି ଯାନବାହନ ନିୟନ୍ତ୍ରଣ ପାଇଁ ପୂଜା କମିଟିର ସଦସ୍ୟମାନଙ୍କ ସହିତ ସ୍ୱେଚ୍ଛାସେବୀମାନେ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ପ୍ରତିବର୍ଷ ଭଳି ଏବର୍ଷ ମଧ ନବମୀ ଦିନ ଶଙ୍ଖୁଡି ଭୋଗ କରାଯାଇ ହଜାର ହଜାର ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟନ କରାଯିବ। ଏଠାରେ ଏକ କାଳ୍ପନିକ ତୋରଣ ଭିତରେ ପୂଜା ପାଇବେ ମା'। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ବର୍ଷ ପୂଜା ମଣ୍ଡପ ପରିସରରେ ପ୍ଲାଷ୍ଟିକ୍ ଥଳି ବ୍ୟବହାର ଉପରେ ରୋକ୍ ଲଗାଯିବା ସହିତ ଡିଜେ ସାଉଣ୍ଡ୍ ବ୍ୟବହାର କରାଯିବ ନାହିଁ।

### ଅଶୋକ କୁମାର ପାତ୍ର
**ସଭାପତି, ବଡଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି**



ଚଳିତବର୍ଷ ବଡଗଡ଼ ଦୁର୍ଗାପୂଜା ମଣ୍ଡପରେ ଆଧୁନିକ ସାଜସଜ୍ଜା ସହିତ ଆଲୋକିକରଣ ଉପରେ ଧ୍ୟାନ ଦିଆଯାଇଛି। ଏଥିସହିତ ଭକ୍ତମାନଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ୱଚ୍ଛତା, ଶୃଙ୍ଖଳା ଓ ପ୍ଲାଷ୍ଟିକ୍ ବର୍ଜନ ଉପରେ ଆମେ ଗୁରୁତ୍ୱ ଦେଉଛୁ। ରାଜଧାନୀରେ ପୂଜା ଭଳି ଭସାଣୀ ଉତ୍ସବ ମଧ ଗୁରୁତ୍ୱପୂର୍ଣ୍ଣ। ତେଣୁ ବଡଗଡ଼ ଦୁର୍ଗାପୂଜା ଭସାଣୀ ଏଥର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଆମେ ଆଶାବାଦୀ। ପାରମ୍ପରିକ ନୃତ୍ୟ ଗୀତରେ ମା' ଭସାଣୀ ଯାତ୍ରା ଯେଭଳି ରୁଚି ସମ୍ପନ୍ନ ତଥା ଆଧ୍ୟାତ୍ମିକତା ସମ୍ପନ୍ନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବୁ।

### ପ୍ରତାପ କୁମାର ଜେନା
**ସମ୍ପାଦକ, ବଡଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି**



ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ଆମ ଦୁର୍ଗାପୂଜା କମିଟି ରୀତିନୀତି ସହିତ ମା'ଙ୍କ ପୂଜା ଆରାଧନା କରିବା ପାଇଁ ସଂକଳ୍ପବଦ୍ଧ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଏଥର ବଡଗଡ଼ ପୂଜା ମଣ୍ଡପ ପରିସରରେ ଆମେ ପ୍ଲାଷ୍ଟିକ୍ ଥଳିକୁ ସମ୍ପୂର୍ଣ୍ଣ ବର୍ଜନ କରିବୁ। କୌଣସି ଭକ୍ତ ଯେଭଳି ଏଠାରେ ପ୍ଲାଷ୍ଟିକ୍ ଥଳି ନ ଆଣିବେ ସେଥିପ୍ରତି ସଚେତନ କରାଇବୁ। ଏହାସହିତ ପୂର୍ବରୁ ପ୍ରଚଳିତ ଡିଜେ ସାଉଣ୍ଡ ବ୍ୟବହାର ଉପରେ ରୋକ୍ ଲଗାଯାଇଛି। ଶୃଙ୍ଖଳା, ସୁରକ୍ଷା ଓ ଆଧ୍ୟାତ୍ମିକତା ଉପରେ ଗୁରୁତ୍ୱ ଦେଇ ଆମର ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଭସାଣୀରେ ସମ୍ବଲପୁରୀ ମାଦଳ, ଘଣ୍ଟ, ଘୋଡା ନାଚ, ମାଙ୍କଡ ନାଚ, ଷଣ୍ଢ ନାଚ ସହ ଅନେକ ପ୍ରକାର ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରାଯିବ।

## ଭିତରକନିକା ପକ୍ଷୀଗଣନା ସରିଲା

# ୧୯,୨୧୮ ବସାରେ ୮୮ହଜାର ୬୧୪ପକ୍ଷୀ



**ରାଜନଗର:** ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ପ୍ରଥମଥର ପାଇଁ ଜାତୀୟ ଉଦ୍ୟାନ ବାହାରେ ଥିବା ଲକ୍ଷ୍ମୀପ୍ରସାଦଡିଆରେ ଦେଶୀୟ ପକ୍ଷୀମାନେ ବସା ବାନ୍ଧି ଅଣ୍ଡା ଦେଇଥିବା ଦେଖିବାକୁ ମିଳିଛି। ଖୋଳା ନଦୀର ମୁହାଁଣର ବ୍ରାହ୍ମଣୀ ନଦୀ ପଠାରେ ଅବସ୍ଥିତ ପ୍ରାୟ ୧୦ଏକର ବିଶିଷ୍ଟ ଏହି ଲକ୍ଷ୍ମୀପ୍ରସାଦଡିଆର ପ୍ରାୟ ୫ଏକର ଜଙ୍ଗଲ ମଧ୍ୟରେ ବନି, ଗୁଆଁ, କେରୁଆଁ, ଓରୁଅ ଗଛରେ ବସା ବାନ୍ଧି ପକ୍ଷୀମାନେ ବଂଶ ବିସ୍ତାର କରିଛନ୍ତି। ଭିତରକନିକାର ପକ୍ଷୀ ସମୂହ ପାଇଁ ପ୍ରସିଦ୍ଧ ବଗଗହଣରେ ପକ୍ଷୀମାନଙ୍କୁ ଦେଖିବାକୁ ମିଳିନାହିଁ। ମଠଆଡିଆରେ ମଧ ପକ୍ଷୀମାନେ ବଗଗହଣ ଭଳି କମିବାରେ ଲାଗିଛନ୍ତି। ଯାହାକି ପରିବେଶବିତ୍‌ମାନଙ୍କୁ ଚିନ୍ତାରେ ପକାଇଛି। ଜାତୀୟ ଉଦ୍ୟାନର ବଗଗହଣକୁ ପକ୍ଷୀମାନେ ପରିତ୍ୟାଗ କରିଥିବା ବେଳେ ମଠଆଡିଆରୁ ମୁହଁ ଫେରାଇବାରେ ଲାଗିଛନ୍ତି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲକ୍ଷ୍ମୀପ୍ରସାଦଡିଆରେ ବନି, ଗୁଆଁ, କେରୁଆଁ ଏବଂ ଓରୁଅ ଗଛରେ ୧୮,୮୩୪ଟି ବସାରେ ୩୭,୬୬୮ଟି ବଡ ଓ ୪୮,୮୬୭ଟି ଛୋଟ ପକ୍ଷୀ ଥିବା ଗଣନା କରାଯାଇଛି। ସେହିଭଳି ମଠଆଡିଆରେ ୪୬୨ବସାରେ ୯୨୪ଟି ବଡ ଓ ୧୧୫୫ଟି ଛୋଟ ପକ୍ଷୀ ଥିବା ଗଣନା କରାଯାଇଛି। ଏଠାରେ ବନି ଗଛରେ ପକ୍ଷୀମାନଙ୍କର ଅଧିକ ବସା ଦେଖିବାକୁ ମିଳିଛି। ବର୍ଷାଋତୁର ଆଗମନରେ ଦେଶର କୋଣ ଅନୁକୋଣରୁ ନିଜର ବଂଶବିସ୍ତାର ପାଇଁ ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟବଗ, ଖଇରାବଗ, ଅଂଜନା ବା ମାଟିଆ ବଗ, ପାଣିକୁଆ, ଅନ୍ଧାରିଆ ବଗ, ଦାଆବେଟିଂଆ, କାପରଖାଇ ପ୍ରଭୃତି ୧୦ପ୍ରଜାତିର ପକ୍ଷୀ ଭିତରକନିକାର ମଠଆଡିଆ ଏବଂ ଲକ୍ଷ୍ମୀପ୍ରସାଦଡିଆର ଗଛମାନଙ୍କରେ ବସା ବାନ୍ଧିଛନ୍ତି। ଏହି ପକ୍ଷୀମାନଙ୍କ ମଧ୍ୟରୁ ଗେଣ୍ଡାଳିଆ ୧୪୦୩୬ଟି ବସାରେ ସର୍ବାଧିକ ୬୪,୫୬୫ଟି ଗଣନା କରାଯାଇଛି। ସେହିଭଳି ସବୁଠାରୁ କମ ଆସିଥିବା ଛୋଟ ବଗ ୯୦ଟି ବସାରେ ୪୫୯ଟି ଗଣନା କରାଯାଇଛି। ଏହି ପକ୍ଷୀ ଗଣନା ପାଇଁ ବନଖଣ୍ଡ ଅଧିକାରୀ ବିକାଶ ରଂଜନ ଦାଶଙ୍କ ତତ୍ତ୍ୱାବଧାନରେ କନିକା ରେଂଜ ଦାୟିତ୍ୱରେ ଥିବା ଅତିରିକ୍ତ ବନସଂରକ୍ଷକ ସୁବ୍ରତକୁମାର ପାତ୍ରଙ୍କ ସହ ଫରେଷ୍ଟର ବିଜୟକୁମାର ପାତ୍ର, ଫରେଷ୍ଟଗାର୍ଡ ସୁନିଲ ରାଉତରାୟ, କର୍ମଚାରୀ ହେମନ୍ତ ପାଣିଗ୍ରାହୀ, ପକ୍ଷୀବିଶାରଦ ବିଜୟ ଦାସ, ଉମାକାନ୍ତ ବିଶ୍ୱାଳ ଓ ଅସିତ ଶତପଥୀଙ୍କ ସହ କର୍ମଚାରୀ ନିରାକାର ବେହେରା, ନଟବର କୁଅଁର, ରମାକାନ୍ତ ବେହେରା ପ୍ରଭୃତିଙ୍କୁ ନେଇ ୪ଜଣିଆ ତିନୋଟି ଟିମ୍ ଗଠନ କରାଯାଇଥିଲା। ସୂଚନା ଥାଉକି, ଗତବର୍ଷ ୧୯ହଜାର ୮୯୦ବସାରେ ୯୧ହଜାର୨୨୪ଟି ପକ୍ଷୀ ଗଣନା କରାଯାଇଥିଲା।

# କଳାହାଣ୍ଡିର ବିଭିନ୍ନ ପୌରାଞ୍ଚଳରେ ତିଆରି ହେବ ସ୍ମାର୍ଟ ପାର୍କ



**କଳାହାଣ୍ଡି:** ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଲୋକସେବା ଭବନଠାରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ପୌରପରିଷଦ, କେସିଙ୍ଗା, ଧର୍ମଗଡ଼ ଓ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟକାରିତା ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଉପରୋକ୍ତ ପ୍ରତ୍ୟେକ ପୌରାଞ୍ଚଳକୁ ଗୋଟିଏ କରି ସ୍ମାର୍ଟ ପାର୍କ ବାବଦରେ ୧ କୋଟି ଓ ଶ୍ମଶାନ ପାଇଁ ୧ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଏଥିନିମନ୍ତେ ଡିପିଆର୍ ପ୍ରସ୍ତୁତ କରି ତୁରନ୍ତ ଅନୁଦାନ ପ୍ରଦାନ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ସହରାଞ୍ଚଳରେ ଡ୍ରେନେଜ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଜଳସମ୍ପଦ ବିଭାଗ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ଏବଂ ବଜେଟ୍ ବ୍ୟବସ୍ଥା କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଧର୍ମଗଡ଼ରେ ବସଷ୍ଟାଣ୍ଡ ଓ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା ପାଇଁ ଆକଳନ ପ୍ରସ୍ତୁତ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଧର୍ମଗଡ଼ ଏନ୍‌ଏସିରେ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ଓ ଏମ୍‌ଆର୍‌ଏଫ୍ (ମ୍ୟାଟେରିଆଲ୍ ରିକଭରି ଫେସିଲିଟି) ପାଇଁ ଟେଣ୍ଡର ସରିଥିବା ବୈଠକରୁ ଜଣାପଡ଼ିଛି। ସେହିପରି ଜୁନାଗଡ଼ରେ ଟାଉନ୍ ହଲ୍ ନିର୍ମାଣ ପାଇଁ ଅଧିକ ୧ କୋଟି ଟଙ୍କା ଆବଶ୍ୟକ ଥିବାରୁ ଏହାର ବ୍ୟବସ୍ଥା କରିବାକୁ ଶିଳ୍ପ, ଶକ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ମନ୍ତ୍ରୀ ଶ୍ରୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପଞ୍ଚାୟତ ପାର୍କକୁ ସ୍ମାର୍ଟ ପାର୍କ, ବସଷ୍ଟାଣ୍ଡର ନବୀକରଣ, ଭେଣ୍ଡିଂ ଜୋନ୍, ସହରାଞ୍ଚଳ ଆଶ୍ରୟସ୍ଥଳୀର ଏଷ୍ଟିମେଟ୍ ଖୁବ୍ ଶୀଘ୍ର ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭବାନୀପାଟଣା ଟାଉନହଲ୍ ନିର୍ମାଣ ପାଇଁ ୪ କୋଟି ଟଙ୍କାର ଆବଶ୍ୟକତା, ବରିଷ୍ଠ ନାଗରିକଙ୍କ ପାଇଁ ପାର୍କ, ରାସ୍ତା ଆଲୋକୀକରଣ, ରାସ୍ତା ସଫେଇ ପାଇଁ ସୁଇପିଂ ମେସିନ୍, ପୌରପରିଷଦ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ଓ ମୁଖ୍ୟ ମାର୍କେଟର ନବୀକରଣ ଆଦି ପାଇଁ ଆବଶ୍ୟକ ଅର୍ଥ ଯୋଗାଇବାକୁ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେସିଙ୍ଗା ଏନ୍‌ଏସିର ଟ୍ରକ୍ ଟର୍ମିନାଲ୍, ଭେଣ୍ଡିଂ ଜୋନ୍, ସହରାଞ୍ଚଳ ଆଶ୍ରୟସ୍ଥଳୀ ନିର୍ମାଣ ସମ୍ବନ୍ଧରେ ମଧ ବୈଠକରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଜିଲ୍ଲାର ୪ଟି ସହରାଞ୍ଚଳରେ ପାନୀୟ ଜଳ ଯୋଗାଇବା ପାଇଁ ପ୍ରତ୍ୟେକ ଘରକୁ ପାଇପ ଯୋଗେ ସଂଯୋଗ ଓ ପାଇପ ବିଛାଇବା ନିମନ୍ତେ ଆବଶ୍ୟକ ଅବଶିଷ୍ଟ ଅର୍ଥ ତୁରନ୍ତ ପ୍ରଦାନ ପାଇଁ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପିକେ ଝାଙ୍କୁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ।

# ଓସିଏ ନିର୍ବାଚନରେ ଆଶୀର୍ବାଦଙ୍କ ଟିମ୍ ବିଜୟୀ





**କଟକ:** ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ନିର୍ବାଚନ ଶେଷ ହୋଇଛି। ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ପୁଅ ସଞ୍ଜୟ ବେହେରା ନୂଆ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସଞ୍ଜୟ ବେହେରାଙ୍କ ସପକ୍ଷରେ ୭୩ରୁ ୪୫ ଭୋଟ ଯାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନବ ପଟ୍ଟନାୟକ ମାତ୍ର ୨୫ ଭୋଟ୍ ପାଇଥିଲେ। ସେହିପରି ସଭାପତି ଭାବେ ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଭାବେ ଅକ୍ଷୟ ସାମଲ, କୋଷାଧକ୍ଷ ଭାବେ ବିକାଶ ପ୍ରଧାନ ଏବଂ ଯୁଗ୍ମ ସମ୍ପାଦକ ଭାବେ ମେହତାବ ଖାଁ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ନିର୍ବାଚନ ପାଇଁ ମତଦାନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଭୋଟ୍ ଗଣତି ପରେ ଅପରାହ୍ନ ପ୍ରାୟ ୪ ଟାରେ ଫଳାଫଳ ଘୋଷଣା ହୋଇଥିଲା। ଅନ୍ୟପକ୍ଷରେ ନିକଟରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଓସିଏର ପୂର୍ବତନ ସଂପାଦକ ଆଶୀର୍ବାଦ ବେହେରା ମେଡିକାଲରୁ ଥାଇ ଭୋଟ୍ ଦେଇଥିଲେ। ନାମାଙ୍କନ ଦାଖଲ ପରଠୁ ଆପେକ୍ସ କାଉନସିଲ୍ ସଦସ୍ୟ ପାଇଁ କେନ୍ଦ୍ରାପଡାର ଶୁଭାଶିଷ୍ ସେନାପତି ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇ ସାରିଛନ୍ତି। ଏବେ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧକ୍ଷ ପାଇଁ ୧୦ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଭାପତି ପଦ ପାଇଁ ପ୍ରଦୀପ ଚୌହ୍ୱାନ ଓ ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ପଦ ପାଇଁ ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ ଓ ଅକ୍ଷୟ କୁମାର ସାମନ୍ତ, ସମ୍ପାଦକ ପାଇଁ ନବରଞ୍ଜନ ପଟ୍ଟନାୟକ ଓ ସଞ୍ଜୟ ବେହେରା, ଯୁଗ୍ମ-ସମ୍ପାଦକ ପଦ ପାଇଁ ସୁଜିତ୍ କୁମାର ପ୍ରଧାନ ଓ ମେହେତାବ ଖାନ୍ ଏବଂ କୋଷାଧକ୍ଷ ପାଇଁ ଅନୀଲ କୁମାର ବିଶ୍ୱାଳ ଓ ବିକାଶ ପ୍ରଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥଲା।

# ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜନ୍ମଜୟନ୍ତୀ



**ଭୁବନେଶ୍ୱର:** ପଟିଆ କାନନବିହାର ଫେଜ୍-୨ ସ୍ଥିତ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ର ପରିସରରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଭାରତ ସ୍କାଉଟ୍ ଓ ଗାଇଡ୍‌ର ମୁଖ୍ୟ ଆୟୁକ୍ତ କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଓ ଉତ୍ତରାଧିକାରୀ ସଂଗଠନର ସଭାପତି (ଓଡ଼ିଶା ଶାଖା) ବିଜୟ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବନାରାୟଣ ମିଶ୍ର, ଜୟପ୍ରକାଶ ମିଶ୍ର, ଅନପୂର୍ଣ୍ଣା ମିଶ୍ର, ପ୍ରଦୀପ କୁମାର ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧିଙ୍କ ଅହିଂସା ବାଣୀ ଓ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଉପଦେଷ୍ଟା ରବିନାରାୟଣ ଜେନାଙ୍କ ଉପସ୍ଥିତିରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଗାନ୍ଧି ଭଜନ ଗାନ କରିଥିଲେ। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନିଶା ନିବାରଣ, ପଲିଥିନ ବର୍ଜନ ଓ ହିଂସାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର କରିବାକୁ ହେଲେ ଦେଶର ପ୍ରତ୍ୟେକ ନାଗରିକ ନିଜର ଯୋଗଦାନ ଦେବା ଉଚିତ୍ ବୋଲି ଅତିଥିମାନେ କହିଥିଲେ।


ମାତ୍ର ୩୫,୦୦୦/- ଟଙ୍କା ବିନିଯୋଗ କରି ଘରେ ତିଆରି କରନ୍ତୁ Slipper Chapal
ଦୈନିକ ୫ଶହ ଟଙ୍କାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ।



Aditi Greens
Going green is our only choice...
CONTACT
Aditi Greens, Amrit Nagar, Dumduma (A), Khandagiri, Bhubaneswar, Odisha.
Cell-7735652665, 7008807228.

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି